ସକାଳ
THE SAKALA



### ବଲାଙ୍ଗିର ଜିଲ୍ଲାସାରା ସାଧାରଣତନ୍ତ୍ର ଦିବସ ପାଳିତ

# ‘ନାଗରିକ ଜାତିପ୍ରତି ଉତ୍ସର୍ଗ ହୁଅନ୍ତୁ’










**ବଲାଙ୍ଗିର, ୨୭।୧(ସମିସ)**

ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ଜିଲ୍ଲା ମୁଖ୍ୟାଳୟରେ ଥିବା ମନୋହରପୁର ରିଜର୍ଭ ପୁଲିସ ପଡ଼ିଆରେ ଅନୁଷ୍ଠିତ ହେଇଯାଇଛି। ମୁଖ୍ୟଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ, ପ୍ରାଣୀ ସମ୍ପଦ ବିକାଶ ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପତାକା ଉତ୍ତୋଳନ କରି ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇଥିଲେ। ସେ କପୁରଚନ ନାୟକ, ସୁରେନ୍ଦ୍ର ଠାକୁର, କୁଞ୍ଜବିହାରୀ ମେହେର, କପିଳେଶ୍ୱର ପ୍ରସାଦ ନନ୍ଦ, ସତ୍ୟାନନ୍ଦ ମିଶ୍ର, ଦିବାକର ବହିଦାର, ନରସିଂହ ପ୍ରସାଦ ନନ୍ଦ, ସ୍ୱପ୍ନାନନ୍ଦ ପାଣିଗ୍ରାହୀ, ଯୁଧିଷ୍ଠିର ମିଶ୍ର, ଯୋଗେଶ୍ୱର କୁମୁର, ଧ୍ରୁବ ନାଥ, ପୁରୁଷୋତ୍ତମ ନାଥ, ଚିନ୍ତାମଣି ମିଶ୍ର, ରିଷି ଗଡତ୍ୟା, ଭାର୍ଗବୀ ଗୁରୁ, ଦଶରଥ ସାହୁ, ଯୁଗଳ କିଶୋର ନାଥ, ଆଠଗାଁ ଜମିଦାର ଧରମ ସିଂ ମାନ୍ଧାତା ଭଳି ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରିବାର ଦିନ ବୋଲି ଆହ୍ୱାନ କରିଥିଲେ। ନିଜ ଭାଷଣରେ ରାଣୀପୁର ଝରିଆଲ, ହରିଶଙ୍କର, ପାଟଣେଶ୍ୱରୀ ମନ୍ଦିର, କୁମୁଡ଼ା ପାହାଡ଼, ଭୀମଡୁଙ୍ଗୁରୀ, ଚଉଷଠି ଯୋଗିନୀ, ସଇଁତଳାର ଚଣ୍ଡୀ ମନ୍ଦିର ଆଦି ପର୍ଯ୍ୟଟନ କ୍ଷେତ୍ରର ମହତ୍ତ୍ୱ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ଲୋକସଂସ୍କୃତି, ଲୋକକଳା, ଲୋକନୃତ୍ୟ, କୁଟୀର ଶିଳ୍ପ ବେଶ୍ ପ୍ରସିଦ୍ଧ ବୋଲି ମନ୍ତ୍ରୀ ଉକ୍ତି ରଖିଥିଲେ।

ବଲାଙ୍ଗିର ଜିଲ୍ଲା ପାଇଁ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ଡ୍ୟାମ ଓ ସ୍ପିଲୱେ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ନିମନ୍ତେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ସହ ଆନୁଷଙ୍ଗିକ ବିକାଶର ଉଲ୍ଲେଖ କରିଥିଲେ। ବଲାଙ୍ଗିରରେ ଅତ୍ୟାଧୁନିକ ବସ ଟର୍ମିନାଲ ପ୍ରତିଷ୍ଠା କରାଯାଇ ଉନ୍ନତ ମାନର ସୁବିଧା ଯୋଗାଇ ଦିଆଯାଇଛି। କିଛି ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ୨ ହଜାର ୨ ଶହ ୨୦ କୋଟି ଟଙ୍କା ବ୍ୟୟରେ ୧୧୨ଟି ଭିତ୍ତିଭୂମି ପ୍ରକଳ୍ପ ପାଇଁ ଶୁଭ ଦେଇଛନ୍ତି। ୩୦୫ କୋଟି ଟଙ୍କା ବ୍ୟୟରେ ୬୯ଟି ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ନଦୀଗୁଡ଼ିକରେ ସବୁଦିନ ପାଣି ମିଳିବାର ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୪ଟି ନଦୀଗର୍ଭ ଜଳାଶୟ ପ୍ରକଳ୍ପ କରାଯାଉଛି। ପ୍ରସିଦ୍ଧ ହରିଶଙ୍କର ପୀଠ ସହ ବିଭିନ୍ନ ଧାର୍ମିକ ଅନୁଷ୍ଠାନଗୁଡିକରେ ରୂପାନ୍ତରଣ କାମ ଚାଲିଛି। ପାନୀୟଜଳ ଯୋଗାଣ ପ୍ରକଳ୍ପରେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୧୪୮୬.୨କୋଟି ଟଙ୍କାରେ ପ୍ରକଳ୍ପ କାମ ଆଗେଇଚାଲିଛି। ପରେ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମେଡିକାଲ ୱାର୍ଡ ବୁଲି ଫଳ ଏବଂ ମିଠା ବାଣ୍ଟିବା ସହ ଜେଲ୍ ଅନ୍ତେବାସୀଙ୍କୁ ମିଠା, ପୁଇଁତଳାରେ ଶାଢ଼ି ଓ ଲୁଙ୍ଗି ବଣ୍ଟନ କରିଥିଲେ।



**ଗାନ୍ଧୀ ପାଠାଗାର**

ଟିକ୍ରାପଡ଼ାସ୍ଥିତ ଗାନ୍ଧୀପାଠାଗାରରେ ପୂର୍ବତନ ସଭାପତି ବିକ୍ରମାନନ୍ଦ ବହିଦାର ପତାକା ଉତ୍ତୋଳନ କରିଥିଲେ। ପାଠାଗାର ସଭାପତି ପ୍ରକାଶ ନେପାକ, ସମ୍ପାଦକ ପ୍ରଦୀପ ସାହୁ, ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟସଭା ସାଦସ୍ୟ ନିରଞ୍ଜନ ବିଶି ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ପ୍ରହ୍ଲାଦ ଶତପଥୀ ଏବଂ ପୂର୍ବତନ ସଭାପତି ଶ୍ରୀ ବହିଦାର, ସମାଜସେବୀ ବିଷ୍ଣୁପ୍ରସାଦ କେଡିଆ ପ୍ରମୁଖ ଯୋଗଦାନ କରିଥିଲେ। ପାଠାଗାର ଉପସଭାପତି ସନ୍ତକ ବହିଦାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସହସମ୍ପାଦକ ଜିତେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ସଂଗ୍ରାମ ବହିଦାର, ରାଜେନ୍ଦ୍ର ମିଶ୍ର, ଅବୁଦୁଲ ରଜାକ, ମଧୁସୁଦନ ନାଏକ, ଅଶୋକ ରାଉତ, ଅଜିତ ପଣ୍ଡା ସହଯୋଗ କରିଥିଲେ।

**ଉଠା ଦୋକାନୀ ସଂଘ**

ବଲାଙ୍ଗିର ଉଠା ଦୋକାନୀ ସଂଘ ତରଫରୁ ମୁଖ୍ୟଅତିଥି ଭାବରେ ପୌରାଧ୍ୟକ୍ଷା ଲିକା ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ସଭାପତି ଶମ୍ଭୁ ନାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧି ଓ ନେତାମାନେ ଉପସ୍ଥିତ ଥିଲେ।

**ଜେଏସଏମ କଲେଜ**

ବାଣିଜ୍ୟ ଏବଂ କଳା ମହାବିଦ୍ୟାଳୟ କଲେଜରେ ନିର୍ଦ୍ଦେଶକ ଶ୍ରୀକାନ୍ତ ଶର୍ମା, ଉପଦେଷ୍ଟା ମନରଞ୍ଜନ୍ ସହୁ, ଅଧ୍ୟକ୍ଷ ପିତବାସ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବରିଷ୍ଠ ଓକିଲ ଅମରେନ୍ଦ୍ର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଶେମର୍ଫୋର୍ଡ ଫ୍ୟୁଚରିଷ୍ଟିକ୍ ସ୍କୁଲ**

ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ ରଥ, ଶିକ୍ଷା ନିର୍ଦ୍ଦେଶିକା ନିଲମ୍ ରଥ, ପ୍ରତାପ ଜେନା , ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଆନନ୍ଦ ଉଲ୍ଲାସରେ ଉତ୍ସବରେ ସାମିଲ ହୋଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରିଜର୍ଭ ପୁଲିସ ପଡିଆରେ ଅନୁଷ୍ଠିତ ପରେଡ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

**ସାମ୍ବାଦିକ ଭବନ**

ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ଜିଲ୍ଲା ସାମ୍ବାଦିକ ଭବନରେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବରିଷ୍ଠ ସାମ୍ବାଦିକ ନବୀନ ପଶାୟତ, ଶରତ ମହାକୁର, ମୁନା ମିଶ୍ର, ବଳରାମ ମିଶ୍ର, ସନ୍ଦୀପ କୁଅଁର, ସୁବୋଦ ମେହେର, ସଚିଦାନନ୍ଦ ବଗର୍ତ୍ତୀ, ଗୁପ୍ତେଶ୍ୱର ପୃଷ୍ଟି, ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଆମ୍ବେଦକର ପାଠାଗାର**

ବଲାଙ୍ଗିର ଟାଉନ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ମହିମୁଣ୍ଡା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଗଜମଣି ବାଗ ଉପସ୍ଥିତ ଥିଲା ବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାମ୍ ନନ୍ଦ, ଷ୍ଟିଫେନ ନନ୍ଦ ଓ ବିରେନ ନାଗ, ଭଗବାନ ବାଗ, ସୁବୋଦ ନନ୍ଦ, ପ୍ରମୋଦ ବାଗ, ଦେବାନନ୍ଦ ମହାନନ୍ଦ ସହଯୋଗ କରିଥିଲେ।


ଖପ୍ରାଖୋଲ ଯୁବ ରକ୍ତଦାତା ସଂଘ ପକ୍ଷରୁ ରକ୍ତଦାନ



**ଯାଦବ ଭବନ**

ବଲାଙ୍ଗିର ପୌରାଞ୍ଚଳ ଯାଦବ ମହାସଭା ତରଫରୁ ଯାଦବ ଭବନ ଠାରେ ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ ପତାକା ଉତ୍ତୋଳନ କରିଥିଲେ। ମହାସଭା ସଭାପତି ସନ୍ଦୀପ ବାଗଙ୍କ ନେତୃତ୍ୱରେ ସମ୍ପାଦକ ବସନ୍ତ ଷାଣ୍ଡ, କୋଷାଧ୍ୟକ୍ଷ ବାସୁଦେବ ନାଗ ଉପସ୍ଥିତ ଥିଲେ। ସତ୍ୟନାରାୟଣ ବାଗ, ଦୟାସାଗର ବଗର୍ତ୍ତୀ, ଖରତମଲ ରାଉତ, ଅଷ୍ଟମୀ ବଗର୍ତ୍ତୀ, କୃଷ୍ଣଚନ୍ଦ୍ର ଚନ୍ଦନ, ବାଗଦୁଲ ମହାକୁର, ଦିଗାମ୍ବର ମାଝୀ, କାଳିନ୍ଦ୍ରୀ ହାତୀ, ଆର୍ତ୍ତତ୍ରାଣ ବାଗ ସହଯୋଗ କରିଥିଲେ।

**ବଲାଙ୍ଗିର ପୌର ପରିଷଦ**

ପୌରପରିଷଦ କାର୍ଯ୍ୟାଳୟରେ ପୌର ପ୍ରଶଶସନ ତରଫରୁ ପୌରାଧ୍ୟକ୍ଷା ଲିକା ସାହୁ ପତାକା ଉତ୍ତୋଳନ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ନିର୍ବାଚିତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ।





**ସୁଶ୍ରୀ ଶିକ୍ଷାନୁଷ୍ଠାନ ସମୂହ**

ସଦାଇପାଲିସ୍ଥିତ ସୁଶ୍ରୀ ଶିକ୍ଷା ଅନୁଷ୍ଠାନ ସମୂହ ଦ୍ୱାରା ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସହକାରୀ ଜିଲ୍ଲାପାଳ ସୋମକେଶ ନାୟକ ଓ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ଡ. ଶ୍ରୀକର ମିଶ୍ର ଯୋଗ ଦେଇଥିବା ବେଳେ ରାମଜୀ ଯୁବକ ସଂଘ ର ସଭାପତି ଡା. ପ୍ରମୋଦ ମିଶ୍ର, ସାଇଟ ଡିପ୍ଲୋମା ଇଞ୍ଜିନିୟରିଂ ଅଧ୍ୟକ୍ଷା ଇଂ.ନମିତା ପଟେଲ, ନର୍ସିଂ ଅଧ୍ୟକ୍ଷା ଲୋପାମୁଦ୍ରା ମିଶ୍ର, ସୁଶ୍ରୀ ଆଇଟିସି ଅଧ୍ୟକ୍ଷ ଇଂ. ସନ୍ତୋଷ ବ୍ରହ୍ମା, ସୁଲୋଚନା ଦେବୀ ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମିଶ୍ର ଓ ଗରୁଡଧ୍ୱଜ ସାଏ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟକୁ ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୃନ୍ଦାବନ ମହାକୁର ପରିଚାଳାନା କରିଥିବା ବେଳେ ଅଧାପିକା କମରୁନ ନିସା ସହଯୋଗ କରିଥିଲେ। କ୍ରୀଡ଼ା ସଂଯୋଜକ ସୁନୀଳଚନ୍ଦ୍ର ବିଶ୍ୱାଳ ମାର୍ଚପାଷ୍ଟ ପରିଚାଳନା କରିଥିଲେ।

**ଟିଟିଲାଗଡ଼ ପୌରାଞ୍ଚଳ**

ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଟିଟିଲାଗଡ଼ ଉପଜିଲ୍ଲାପାଳ ଦୟାମୟ ପାଢ଼ୀ ଜାତୀୟ ପତକା ଉତ୍ତୋଳନ ସହ ନିଜ ବାର୍ତ୍ତାରେ ସମାଜ ପ୍ରତି ଆଜିର ନାଗରିକ ଉତ୍ସର୍ଗୀକୃତ ହୁଅନ୍ତୁ ବୋଲି କହିଛନ୍ତି। ଏସଡିପିଓ ଅଙ୍କିତା କୁମ୍ଭାର, ଫିଲଡ଼ କମାଣ୍ଡର ଇପସିତା ଦାଶ ଉପସ୍ଥିତ ଥିଲେ। ପରେ ଉପଖଣ୍ଡ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉପଜିଲ୍ଲାପାଳଙ୍କ ଧର୍ମପତ୍ନୀ ପ୍ରୀତିରେଖା ସାହୁ, ତହସିଲଦାର ସରୋଜା ବେହେରା, ଡେପୁଟି ଜିଲାପାଳ ଅଭିନାଶ ଲାକ୍ରା, ସୁଭାଶିଷ ଶତପଥୀ, ସହାୟକ ଜିଲାପାଳ ଚନ୍ଦ୍ରପ୍ରକାଶ ଦେହୁରୀ, ଏଡିଡବ୍ଲୁଓ ଆକାଶ ପଣ୍ଡା, ଏସିଏସଓ ଶଙ୍କର୍ଷଣ ଭୋଇ, ଏସଡିପିଆରଓ ରାଜେନ୍ଦ୍ର ମାଝୀ, ଆଇଆଇସି ମନୋଜ ପ୍ରଧାନ, ଗୃହରକ୍ଷୀ ପ୍ଲାଟୁନ କମାଣ୍ଡର ଗୁଲାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚିନ୍ତାମଣି ମହାପାତ୍ର, ରାଜୁ ମିଶ୍ର, ଅଲେଖ ଦଳବେହେରା, ତ୍ରିନାଥ ସରାଫ, ପ୍ରେମ ଜୈନ, ଡ. ପ୍ରମୋଦ ପାଳ ସହାୟତା କରିଥିଲେ। ମିଳିତ ପ୍ୟାରେଡରେ ଭୋଟର ସଚେତନତା ରଥ ମଧ୍ୟ ସାମିଲ ହୋଇଥିଲା। ଲାୟନ୍ସ କ୍ଲବ ସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ଅଜିତ ପାତ୍ର, ଅଜୟ ବର୍ମା, ପଙ୍କଜ ନାମଦେବ, ବେଦବର ରଣା ପ୍ରମୁଖ ଉପସ୍ଥିତ ଥିଲେ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଦ୍ୟାଳୟର ସମ୍ପାଦକ ଡମ୍ବରୁଧର କର୍ମୀ ଯୋଗ ଦେଇଥିଲେ। ଜ୍ୟୋତିପ୍ରକାଶ ଗଡତ୍ୟା, ଶେଷଦେବ ମେହେର, ଅହଲ୍ୟା ନାଗ, ଶ୍ୟାମ ସୁନ୍ଦର ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ। ଆଚାର୍ଯ୍ୟା କାଞ୍ଚନଲତା ବାରିକ, ପଙ୍କଜ ବେହେରା, ଆଚାର୍ଯ୍ୟ ମଦନ ମୋହନ ପୁଟେଲ, ପ୍ରଧାନଆଚାର୍ଯ୍ୟ ନୃପରାଜ ସେଠ, ସମସ୍ତ ଗୁରୁଜୀ ଗୁରୁମା’ ସହଯୋଗ କରିଥିଲେ।

**ଖପ୍ରାଖୋଲ ବ୍ଲକ୍**

ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ନିରୁପମା ପୁଟେଲ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଆକାଶ ରଞ୍ଜନ ସାହୁ, ବରିଷ୍ଠ କିରି ବ୍ରଜବନ୍ଧୁ ଠାକୁର ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ହରିଶଙ୍କର ବନଖଣ୍ଡ କାର୍ଯ୍ୟଳୟରେ ରେଞ୍ଜର ଅରବିନ୍ଦ ନାୟକ, ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକ ରାଜାରାମ ବେହେରା, ଖପ୍ରାଖୋଲ ଥାନା ପରିସରରେ ଥାନାଧିକାରୀ ରମାକାନ୍ତ ସାହୁ ପତାକା ଉତ୍ତୋଳନ କରିଥିଲେ।

ଏହି ଅବସରରେ ଖପ୍ରାଖୋଲ ବ୍ଲକ୍ ସଭାଗୃହରେ ୟୁଥ୍ ବ୍ଲଡ ଡୋନର ଗ୍ରୁପ୍ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

**କଣ୍ଟାବାଞ୍ଜି ଏନ୍ଏସି**

ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ତେଜକୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ସଙ୍କୁଳର ସଙ୍କୁଳ ପ୍ରମୁଖ ରାମଚନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସଭାପତି କୁଞ୍ଜବିହାରୀ ବେହେରା, ଉପସଭାପତି ସୁଷମା ମହାନନ୍ଦ, ସମ୍ପାଦକ ଯୁବରାଜ ମେହେର, ସଦସ୍ୟ ଶ୍ରୀଯୁକ୍ତ କୈଳାସ ଦୀପ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ଉତ୍କଳ ବାଳାଶ୍ରମରେ ନଗରପାଳ ବରିୟମ ସିଂ ସାଲୁଜା, ଚିନ୍ମୟ ଯୋଷୀ, ଅଶୋକ ଛାପଡିଆ, ଲଳିତ ଅଗ୍ରବାଲ ଯୋଗ ଦେଇଥିଲେ। ବାଳାଶ୍ରମ ଅଧୀକ୍ଷକ ସମୀର ସାଗର ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ରେଳବାଇ ପଡିଆରେ ଏନଏସି ପକ୍ଷରୁ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସଂନ୍ତୋଷ ସିଂହ ସାଲୁଜା ପତାକା ଉତ୍ତୋଳନ କରିଥିଲେ। ଏନଏସି ଅଧ୍ୟକ୍ଷ ବରିୟାମ ସିଂହ ସାଲୁଜା, ଉପାଧ୍ୟକ୍ଷା ମନୋରମା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଯୋଗ ଦେଇଥିଲେ।

**ତୁଷୁରା-ଗୁଡଭେଲା ଅଞ୍ଚଳ**

ତୁଷୁରା ଏନଏସି ତରଫରୁ ହାଇସ୍କୁଲ ପଡିଆରେ ଜାତୀୟ ପତାକା ଉତ୍ତୋଳନ କରି ସମସ୍ତ ବିଦ୍ୟାଳୟ ତରଫରୁ ପରେଡ୍‌ର ବ୍ୟବସ୍ଥା କରାଯାଇଥିଲା। ତହସିଲଦାର କର୍ଣ୍ଣ ମଲ୍ଲିକ ମୁଖ୍ୟଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଅଜୟ ଜୟସ୍ୱାଲ ଏବଂ ଉପାଧ୍ୟକ୍ଷା ମାମି ଦାଶ ଯୋଗ ଦେଇଥିଲେ। ଆଶୁ କବି ହେମନ୍ତଦାଶ ମଞ୍ଚ ପରିଚାଳନା କରିଥିଲେ।

**ସଇଁତଲା ବ୍ଲକ୍**

ରମେଶ ସିଂ ଭୋଇ ଷ୍ଟାଡିୟମରେ ବିଡିଓ ବିନୟ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଇଁତଲା ଥାନାଧିକାରୀ ଅବନି ସାହୁ, ତହସିଲଦାର ମନସଫିଲ କେରକେଟା, ଅଗ୍ନିଶମ ବିଭାଗ ଅଧିକାରି ଅମିତ ସାହୁ ଓ ରେଞ୍ଜର ସଙ୍ଗମିତ୍ରା ଭୋଇ, ସରପଞ୍ଚ ସୁବ୍ରତ ନାଗ, ସଇଁତଲା ଓକିଲ ସଂଘ ସଭାପତି ମାନଭଞ୍ଜ ପାଣିଗ୍ରାହୀ ଓ ପ୍ରୀତିସାଗର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**ତୁରେକେଲା ବ୍ଲକ୍**

ତୁରେକେଲା ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ପୂଜା ବେହେରା ପତାକା ଉତ୍ତୋଳନ କରିଥିଲେ। ବେହେରେନସିଲେଟ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଆମ୍ବେଦକର ଛକରେ ସଂଘ ସଭାପତି ରୋହନ ମହତ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଦେଓଗାଁ ବ୍ଲକ୍**

ପଞ୍ଚାୟତ ସମିତିରେ ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏବିଇଓ ଅଜିତ ମିଶ୍ର ତଥା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଦେଓଗାଁ ତହସିଲରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଥାନାରେ ଥାନାଧିକାରୀ ତାରାବତୀ ପ୍ରଧାନ, ବନାଞ୍ଚଳ ରେଞ୍ଜରେ ରେଞ୍ଜର ଯୁଧିଷ୍ଠିର ଜାଲ, ଶିକ୍ଷା ବିଭାଗରେ ବିଇଓ ମମତା ମହାଡିକ, ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷା ସମନ୍ୱୟିତା ଷଡଙ୍ଗୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ସାରସବାହାଲ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା ଓ ପେକ୍ସ ନିର୍ଦ୍ଦେଶକ ବୃନ୍ଦଦେବ ପରୁଆ, ଦେଓଗାଁ ପଞ୍ଚାୟତ ସମିତି ବାଳିକା ବିଦ୍ୟାଳୟରେ ପରିଚାଳନା କମିଟୀ ସଭାପତି କୈଳାସ ତାଣ୍ଡି, ଧ୍ରୁବାନନ୍ଦ ଯୁକ୍ତ ଦୁଇ କଲେଜରେ ଅଧ୍ୟକ୍ଷ ପ୍ରମୋଦ ବଡପଣ୍ଡା, ଦେଓଗାଁ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ରମେଶଚନ୍ଦ୍ର ପ୍ରଧାନୀ, ଯୁକ୍ତ ଦୁଇ କଲେଜରେ ଅଧ୍ୟକ୍ଷ ଉପମନ୍ୟୁ ବାଗ, ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର, ଯୁକ୍ତ ଦୁଇ କଲେଜରେ ଅଧ୍ୟକ୍ଷ ବସନ୍ତ ମନହୀରା, ଦେଓଗାଁ ସମବାୟ ବ୍ୟାଙ୍କରେ ଶାଖା ପରିଚାଳକ ଜିତେନ୍ଦ୍ର ରାଉତ, ଜରାସିଂହା ବ୍ୟାଙ୍କରେ ଦେବୀଦତ୍ତ ନେଗୀ, କୁତୁର୍ଲା ପେକ୍ସରେ ସଭାପତି ନିଳାମ୍ବର ପାଣିଗ୍ରାହୀ, ବଡବନ୍ଧ ପେକ୍ସରେ ବିଜେଡି ବ୍ଲକ ସଭାପତି ଶୁଶିଳ କୁମାର ଚାନ୍ଦ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଇଓ ମାନଙ୍କ ସଭାପତିତ୍ୱରେ ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିବା ବେଳେ ବିଭିନ୍ନ ବେସରକାରୀ ଅନୁଷ୍ଠାନରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

## ପ୍ରଶାସନ-ଗଣମାଧ୍ୟମ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ବଲାଙ୍ଗିର, ୨୭।୧(ସମିସ):** ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଗାନ୍ଧୀ ଷ୍ଟାଡିୟମଠାରେ ପ୍ରଶାସନ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ପ୍ରଶାସନ ଏକାଦଶ ୭ଟି ୱିକେଟ ବିନିମୟରେ ବିଜୟ ଲାଭ କରିଛି। ପ୍ରଶାସନ ଏକାଦଶ ତରଫରୁ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତିନୋଟି ୱିକେଟ ନେବା ସହ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେହିଭଳି ସାମ୍ବାଦିକ ଏକାଦଶ ଦଳ ତରଫରୁ ପାର୍ଥ ମହାମାତ୍ର ଶେଷ ସମୟ ପର୍ଯ୍ୟନ୍ତ ବ୍ୟାଟିଂ ସମ୍ଭାଳିଥିଲେ। ସାମ୍ବାଦିକ ବିରେନ୍ଦ୍ର ଝାଁକର ୨ଟି ୱିକେଟ ଓ ସୁନୀଲ ମହାନ୍ତି ଗୋଟିଏ ୱିକେଟ ନେଇଥିଲେ। ସାମ୍ବାଦିକ ଏକାଦଶ ତରଫରୁ ମୁନା ମିଶ୍ର, ପ୍ରଦୀପ୍ତ ମିଶ୍ର, ଦୀପକ ପୁରୋହିତ, ନରେଶ ସାହୁ, ଘଟେଶ୍ୱର ମିଶ୍ର, ତରୁଣ ସାହୁ, ରାଧାକାନ୍ତ ମିଶ୍ର, ବିରେନ ନାଗ, କରୁଣାକର ପ୍ରଧାନ, ସୁବ୍ରତ ନାଏକ ଓ ସୁଜେିତ ସେଠ ମ୍ୟାଚ ଖେଳିଥିବାବେଳେ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ, ବରିଷ୍ଠ ସାମ୍ବାଦିକ ନବୀନ ପଶାୟତ, ସୁଧିର ମିଶ୍ର, ସଚିଦାନନ୍ଦ ବଗର୍ତ୍ତୀ, ଗୁପ୍ତେଶ୍ୱର ପୃଷ୍ଟି, ସସ୍ମିତା ସାହୁ, ଗୋପବନ୍ଧୁ ଶତପଥୀ, ଗୋପାଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ପ୍ରଶାସନ ଏକାଦଶ ତରଫରୁ ଏଡିଏମ ଲମ୍ବୋଦର ଧୁରୁଆଙ୍କ ନେତୃତ୍ୱରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ, ଜିଲ୍ଲାପାଳଙ୍କ ଅଙ୍ଗରକ୍ଷୀ ସୁମନ୍ତ ନାଏକ ଓ ଅନ୍ୟମାନେ ମ୍ୟାଚ ଖେଳିଥିଲେ। ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।












ସକାଳ THE SAKALA



## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

# 'ରାଜ୍ୟ ସରକାରଙ୍କ ଶୁଭ ଦୃଷ୍ଟିରେ କଳାହାଣ୍ଡି'



**ଭବାନୀପାଟଣା,୨୭ ।୧ (ସମିସ):**

ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଥିରେ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। କଳା ଓ ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର କଳାହାଣ୍ଡି ଏବେ ବିକାଶର ଶୀର୍ଷରେ ପହଞ୍ଚି ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ରାଜ୍ୟ ସରକାରଙ୍କ ଶୁଭ ଦୃଷ୍ଟିରେ ଏବେ କଳାହାଣ୍ଡି ବୋଲି ମନ୍ତ୍ରୀ କହିଥିଲେ। ଏଥିରେ ମୁଖ୍ୟ ଅତିଥିଙ୍କ ସହ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେ‡ୀ ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ଉପସ୍ଥିତ ଥିଲେ। ୪୨ଟି ଶିକ୍ଷାନୁଷ୍ଠାନ ଓ ପୁଲିସ ପ୍ଲାଟୁନ୍ ସହ ଶାରୀରିକ କ୍ରୀଡ଼ା କୌଶଳରେ ୩ଟି ଶିକ୍ଷାନୁଷ୍ଠାନ ଯୋଗ ଦେଇଥିଲେ। ମୁଖ୍ୟଅତିଥିଙ୍କ ଠାରୁ ପରେଡ ପ୍ରତିଯୋଗିତାର ବିଜୟୀ ଦଳ ରନିଂ ସିଲ୍ଡ ଓ କପ୍ ଗ୍ରହଣ କରିଥିଲେ। ସିନିଅର ଏନ୍‌ସିସିରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ (ଆର୍ମି ୱିଂ), ଜୁନିଅର ଏନ୍‌ସିସିରେ କେନ୍ଦ୍ରୀୟ ବିଦ୍ୟାଳୟ (ନାଭାଲ ୱିଂ), ସ୍କାଉଟରେ ମାଣିକେଶ୍ୱରୀ ହାଇସ୍କୁଲ, ଗାଇଡ୍‌ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜୁନିଅର ରେଡକ୍ରସରେ ବିକାଶ ଆବାସିକ ସ୍କୁଲ, ସିନିୟର୍ ସିଭିଲିଏନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜ ବିହାର, ଜୁନିଅର ସିଭିଲିଏନ୍‌ରେ ଶାସ୍ତ୍ରୀଜୀ ଶିକ୍ଷା ନିକେତନ, ବେଷ୍ଟ ପ୍ଲାଟୁନ ସିନିୟର୍ କମାଣ୍ଡର ରେ ମା ମାଣିକେଶ୍ୱରୀ ବଶ୍ୱବିଦ୍ୟାଳୟ (ନାଭାଲ ୱିଂ), ବେଷ୍ଟ ଲିଟିଲ୍ କମାଣ୍ଡର ବିମଳା କନଭେଣ୍ଟ ସ୍କୁଲ ଜୁନିଅର ସିଭିଲିଆନ୍ ଏବଂ ମାସ୍ ଡ୍ରିଲରେ ଶାସ୍ତ୍ରୀଜୀ ଶିକ୍ଷାନିକେତନ ପ୍ରଥମ, ହାଇଟେକ୍ ପବ୍ଲିକ ସ୍କୁଲ ଦ୍ୱିତୀୟ ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ତୃତୀୟ ପୁରସ୍କାର ଲାଭ କରିଥିଲେ। ବିଚାରକ ଭାବେ ଅଜୟ ମିଶ୍ର, ଦୁର୍ଗା ଚରଣ ମିଶ୍ର ଏବଂ ଇନ୍ସପେକ୍ଟର ମଦନ ସିଂ ସି ଆର୍ ପି ଏଫ୍ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଅଣଗେଜେଟେଡ କର୍ମଚାରୀ ସଂଘ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଏବଂ ତ୍ରିଲୋଚନ ପାତ୍ର, ଡିଡି ପ୍ଲାନିଂ ଶ୍ରୀକାନ୍ତ ଦଲେଇ, ଡିଆଇ ପିଆର୍‌ଓ ମନୋଜ ବେହେରାଙ୍କ ସହ ମହାବୀର ସାଂସ୍କୃତିକ ଅନୁଷ୍ଠାନ, ରୋଟାରୀ କ୍ଲବ, ଯୋଗାଣ ବିଭାଗ, ଆର୍‌ଡବ୍ଲୁଏସ୍‌ଏସ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଜିନିଷ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ରେଡକ୍ରସ ଦିବ୍ୟାଙ୍ଗ ଛାତ୍ର ମାନଙ୍କ ମଧ୍ୟରେ ଲାଲ୍‌ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ପରିସରରେ ଏକ ପ୍ରଦର୍ଶନୀ ଭଲିବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଟାଉନହଲଠାରେ ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା, ଉପଜିଲ୍ଲାପାଳ ଭବାନୀପାଟଣା ଡ. ବିଶ୍ୱଜିତ ଦାସ, ଡି ଡି ପ୍ଲାନିଂ ଶ୍ରୀକାନ୍ତ ଦଲେଇ ପ୍ରମୁଖ ଯୋଗ ଦେଇଥିଲେ। ଅରବିନ୍ଦ କଳା ବିକାଶ କେନ୍ଦ୍ର, ନଟରାଜ ସାଂସ୍କୃତିକ ପରିଷଦ, ମୟୁରୀ, ବାଲ୍ ଗୋପାଳ ସେବା ନିକେତନ, ସୋନି ଡାନ୍ସ, କଳାହାଣ୍ଡି ନୃତ୍ୟ ସାଂସ୍କୃତିକ, ନୁପୁର ଡାନ୍ସ ଗ୍ରୁପ, ଜେ କେ ଡାନ୍ସ ଭାଗ ନେଇ ନିଜର କଳା ପ୍ରଦର୍ଶନ କରିଥିଲେ। ଏହି ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ସଂଚାଳନ ବିରଞ୍ଚି ନାରାୟଣ ମୁଣ୍ଡ କରିଥିଲେ। ଡିଆଇପିଆର୍‌ଓ ମନୋଜ ବେହେରା ପରିଚାଳନା କରିଥିଲେ। ହେମନ୍ତ ମୁଣ୍ଡ ସଞ୍ଚାଳନ କରିଥିବା ବେଳେ ଏନ୍ ସି ସି ଅଧିକାରୀ ରବି କାନୁନଗୋ, ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା, ପିଇ ଶିକ୍ଷକ ସଞ୍ଜୟ ମିଶ୍ର ଏବଂ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ଶୃତି ଇଣ୍ଟରନ୍ୟାସନାଲ ସ୍କୁଲ ଓ କଲେଜ



**ଭବାନୀପାଟଣା:** ଶୃତି ଇଣ୍ଟରନ୍ୟାସନାଲ ସ୍କୁଲ ଓ କଲେଜ ପକ୍ଷରୁ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବରେ ସନ୍ତୋଷିନୀ ଜୈନ ଏବଂ ମୁଖ୍ୟବକ୍ତା କୁଳଭୂଷଣ କୁମାର ଜୈନ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଧା ନନ୍ଦିନୀ ପ୍ରଧାନ, ମୁଖ୍ୟ ଟ୍ରଷ୍ଟି ପ୍ରଭାତ ରଞ୍ଜନ ପଟ୍ଟନାୟକ, ନିର୍ଦ୍ଦେଶକ ରମେଶ ପ୍ରଧାନ, ପ୍ରିନ୍ସିପାଲ୍ ଦେବେନ୍ଦ୍ର ସାହୁ ଏବଂ ଭାଇସ୍- ପ୍ରିନ୍ସିପାଲ୍ ମିନାକ୍ଷୀ ଦାସ ମଧ୍ୟ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମପରେ ପରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ମ.ରାମପୁରସ୍ଥିତ କଲେଜ ଛକଠାରୁ ଚାରିଛକ ପର୍ଯ୍ୟନ୍ତ ୧୦୦ମିଟର ଲମ୍ବ ଜାତୀୟ ପତାକା ସହିତ ଏକ ଶୋଭାଯାତ୍ରାର ଆୟୋଜନ ହୋଇଥିଲା।

## ହରିଶଙ୍କର ପବ୍ଲିକ ସ୍କୁଲ୍

**ଭବାନୀପାଟଣା :** ଭବାନୀପାଟଣା ବ୍ଲକ୍ ବାଦିଲୀ ଠାରେ ଥିବା ହରିଶଙ୍କର ପବ୍ଲିକ ସ୍କୁଲ ଠାରେ ଆଜି ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ସମାଜସେବୀ ଯଶୋବନ୍ତ ରଣା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷ ମଧୁସୂଦନ ସ୍ୱାଇଁ ଯୋଗଦେଇଥିଲେ। ଆନନ୍ଦ ସ୍ୱାଇଁ, ଶୁଭଶ୍ରୀ ରଣା, ବିଦୁସ୍ମିତା ବାଗ, ବର୍ଷା ଜାଲ, ଗଳ୍ପିତା ବାଗ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଦେଇ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ସ୍କୁଲ ଶିକ୍ଷୟିତ୍ରୀ ସୁମିତ୍ରା ଲହଜଳ, ନିରୁପମା ଦୁର୍ଗା, ଅଙ୍କିତା ନାଏକ ସହଯୋଗ କରିଥିଲେ।

## ପିଏମ୍ ଶ୍ରୀ କେ.ଭି



**ଭବାନୀପାଟଣା :** ପିଏମ୍ ଶ୍ରୀ କେଭି ଭବାନୀପାଟଣାରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଥିଲେ ଅଧ୍ୟକ୍ଷ ଭୀମସେନ ପଣ୍ଡା। ବାଲ୍ ବାଟିକା, ପ୍ରାଇମେରୀ ଓ ସେକେଣ୍ଡାରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଧୁମ୍‌ଧାମରେ ପାଳିତ ହୋଇଥିଲା।



**ଭବାନୀପାଟଣା:** ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ମେଦିନୀପୁରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ମା' ହରପ୍ରିୟା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ, କଲ୍ୟାଣୀ ଦାସ, ପ୍ରତିଭା ଦାଶ, ନିଶାମଣୀ ଦେଇ ଓ ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବଗର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ। ଆଶିଷ କୁମାର ପଣ୍ଡା, ସଭ୍ୟା ବିଦୁ ମତି ସୁନାନୀ ଓ ସମାଜସେବୀ ବିରଞ୍ଚିନାରାୟଣ ମିଶ୍ରଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗଦାନ କରିଥିଲେ।

## ବିକାଶ ଉଇସଡମ୍ ପାର୍କ

**ଭବାନୀପାଟଣା :** ସ୍ଥାନୀୟ ବିକାଶ ଉଇସଡମ୍ ପାର୍କ ପରିସରରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମହେଶ୍ୱର ଦାସ ଶା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡି.ଶ୍ୟାମ, ଡି.ରାମ କୁମାର, ଇନ୍‌ଚାର୍ଜ ଶ ଡି.ବିଜୟା, ଡି.ପଦ୍ମିନୀ , ସୁଦୀପ୍ତ ଜେନା, ଆଦିତ୍ୟ ପଟ୍ଟନାୟକ, କେ.ଜୟଶ୍ରୀ, ଯୁବରାଜ ନାୟକ, ଆରତୀ ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ।

**ଭବାନୀପାଟଣା/ବୋର୍ଡା :** ଭବାନୀପାଟଣା ବ୍ଲକ ସେଁପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସାଗର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତିଥିଭାବେ ସ୍କୁଲର ସଭାପତି ପ୍ରସନ୍ନ ବାଗ, ସଦସ୍ୟ ପ୍ରମାଦ ସାହୁ ଯୋଗ ଦେଇଥିଲେ। ବିଷ୍ଣୁ ମୋହନ ପରିଡ଼ା, ଚୂଳେଶ୍ୱର ନାଏକ, ମନବୋଧ ଜାନି, ମନୋଜ କୁମାର ମହାନ୍ତ, ରମାକାନ୍ତ ଗହୀର ରବିନାରାୟଣ ବାଗ, ବ୍ରଜମୋହନ ପ୍ରଧାନ, ରାଧାକାନ୍ତ ନାଏକ, ଶେଫାଳି ଅଗସ୍ତି, ଲିପ୍ସା ଭୋଇ, କ୍ଷମାନନ୍ଦ ହରିଜନ, ସୁମନ୍ତ କୁମାର ପ୍ରଧାନଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଛାତ୍ରଛାତ୍ରୀ

**ନୂଆପଡ଼ା:** ସ୍ଥାନୀୟ ମିନିଷ୍ଟାଡିୟମଠାରେ ଜିଲ୍ଲା ପ୍ରଶାସନ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏହି ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତକଳା ମନ୍ତ୍ରୀ ରୀତା ସାହୁ ଯୋଗଦାନ କରି ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ନୂଆପଡ଼ା ଭଳି ରାଜ୍ୟର ସୀମାନ୍ତ ବର୍ତ୍ତୀ ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ସରକାର ପ୍ରତିଶ୍ରୁତି ବୋଲି ବଦ୍ଧ ରହିଛନ୍ତି। ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ପ୍ରଜ୍ଞାପନ ମେଢ଼ ପରିକ୍ରମା କରିଥିଲା। ସିନିୟରରେ ନୂଆପଡ଼ା ଡିଆଇଇଟିକୁ (ପ୍ରଥମ), ଜୁନିଅର ବିଭାଗରେ ନ୍ୟାସନାଲ କଲେଜ ନୂଆପଡ଼ା (ପ୍ରଥମ), ସବ୍ ଜୁନିଅରରେ ଜ୍ଞାନଜ୍ୟାତି ବିଦ୍ୟାଳୟ ଖରିଆର ରୋଡ (ପ୍ରଥମ) ସ୍ଥାନ ଅଧିକାର କରିଥିଲେ। ପ୍ରଜ୍ଞାପନ ମେଢ଼ରେ ନୂଆପଡ଼ା ସମଗ୍ର ଶିକ୍ଷା ଅଭିଯାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ନୂଆପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରଶ୍ମୀ ରାଣାଙ୍କୁ (ସିନିୟର ଗୃପ) ରେ ଦ୍ୱିତୀୟ ସ୍ଥାନ ଓ ଜେଏନଭି ତରବୋଡ ଗୌରବ ମାଝୀ (ଜୁନିୟର ଗୃପ) ରେ ତୃତୀୟ ସ୍ଥାନ ପାଇଛନ୍ତି। ଜିଲ୍ଲାପ୍ରଶାସନ ପକ୍ଷରୁ ହୋଇଥିବା ରକ୍ତଦାନ ଶିବିରଙ୍କୁ ଉଦ୍‌ଘାଟନ କରିବା ସହ ମୁଖ୍ୟ ଡାକ୍ତରଖାନରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଜିଲ୍ଲାପାଳ ହେମକାନ୍ତ ସ୍ୱୟ ଅଧ୍ୟକ୍ଷତା କରିଥିବାବେଳେ ଏସ୍‌ପିଜି. ଆର. ରାଘବେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ପଟ୍ଟନାୟକ, ବିଭୁଦତ୍ତମିଶ୍ର, ରାଜୁ ବହିଦାର, ସିମାଞ୍ଚଳ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।




# ଭୀମଭୋଇ ଦିବ୍ୟାଙ୍ଗ କଲ୍ୟାଣ ପ୍ରତିଷ୍ଠାନ



**ରୁପ୍ରାରୋଡ :** କଳାହାଣ୍ଡି ଜିଲ୍ଲା ସାରା ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି ସାଧାରଣତନ୍ତ୍ର ଦିବସ। ମ.ରାମପୁରସ୍ଥିତ ଭୀମଭୋଇ ଦିବ୍ୟାଙ୍ଗ କଲ୍ୟାଣ ପ୍ରତିଷ୍ଠାନରେ ଏନେଇ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥିଭାବେ ରୁପ୍ରାରୋଡର ଯୁବ ଶିଳ୍ପଦ୍ୟୋଗୀ ସୁମିତ କୁମାର ଅଗ୍ରୱାଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ପ୍ରତିଷ୍ଠାନର ପରିଚାଳିକା ଟୁନି ପଣ୍ଡାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



**କୋକସରା :** କୋକସରା ବ୍ଲକ୍‌ସଦର ମହକୁମାସ୍ଥିତ ଗୁଡ଼ହାଣ୍ଡିମଞ୍ଚରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ବ୍ଲକ୍ ଅଧ୍ୟକ୍ଷା ରୀତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବିଡିଓ ସ୍ନେହାପ୍ରଭା ମାଝୀ ଯୋଗଦେଇ ଥିଲେ। କୋକସରା ତହସିଲଦାର ନବୀନ କିଶୋର ପାତ୍ରୀ, ଥାନା ଓଆଇସି ଅନୀଲ କୁମାର ପାତ୍ରୀ, ସରପଞ୍ଚ କିଶୋର ପ୍ରଧାନୀ, ପୁରୁଷୋତ୍ତମ ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନିକଟରେ ଦୁବାଇରେ ଆୟୋଜିତ ହୋଇଥିବା "କପ-୨୮' ଶିଖର ସମ୍ମିଳନୀରେ ଅଷ୍ଟ୍ରେଲିଆର ପ୍ରତିନିଧୀତ୍ୱ କରି କୋକସରା ବ୍ଲକ କାଉଡୋଲା ଗ୍ରାମର ସୁନୀତି ପୁରୋହିତ ଆଇରନ ଓ ଷ୍ଟିଲମେକିଂ ସଂନ୍ଧର୍ଭ ପାଇଁ "ନେଟ-ଜିରୋ ଇଣ୍ଡଷ୍ଟ୍ରି' ଆୱାର୍ଡ ପ୍ରାପ୍ତ ହୋଇଥିବା ଡ଼. ପୁରୋହିତଙ୍କ ଅନୁପଉପସ୍ଥିତ ଯୋଗୁଁ ତାଙ୍କ ବାପା କୃଷ୍ଣଚନ୍ଦ୍ର ପୁରୋହିତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

**କେସିଙ୍ଗା:** ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକ ଠାରେ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ ଉପସ୍ଥିତିରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସିଲୁ ପରିଡ଼ର, ରଞ୍ଜନ ବେହେରା, ଉତ୍ତର ମହଲା, ସୁରେଶ ମହାନନ୍ଦ, ନର ନିଆଲ, ପୂର୍ବତନ ନଗର ପାଳ ଗୀତାଞ୍ଜଳି ବରିହାଙ୍କ ସମେତ ସମସ୍ତ ବିଜେଡି କାଉନସିଲର ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ଜୟପାଟଣା:** ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଦୁଇଟି ପର୍ଯ୍ୟାୟରେ କରିବା ପାଇଁ ସ୍ଥିର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସକାଳେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ଦିବସ ପାଳନ କମିଟି, ଜୟପାଟଣାର ସ୍ଥାୟୀ ସଭାପତି ତହସିଲଦାର ରଘୁନାଥ ମୁଣ୍ଡାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବୀରକିଶୋର ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ମୋହନ ଯୋଶୀ ତଥା ଉମାଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକ୍ରମ ସିଂ ମାଝୀ ଯୋଗଦେଇଥିଲେ। ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୭ଟି ଦଳକୁ ନେଇ ଏକ ପରେଡ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ ସନ୍ଧ୍ୟାରେ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରଶ୍ମିତା ଦୁରିଆ, ମଧୁମିତା ରାଉତ, ଷଦେବ ବେହେରା, ଅର୍ଜୁନ ପଟ୍ଟନାୟକ, ସୁବାସ ଚନ୍ଦ୍ର ମୁଣ୍ଡ ଯୋଗଦାନ ଦେଇଥିଲେ। ଏନ୍‌ଡିସିସିର ବରିଷ୍ଠ ସଦସ୍ୟ ପ୍ରକାଶ ଦୁରିଆ, ସନ୍ତୋଷ କୁମାର ପଣ୍ଡା, ଦିବାକର ପଟ୍ଟନାୟକ ମାର୍ଗଦର୍ଶନ ପ୍ରଦାନ କରିଥିବାବେଳେ କୃଷ୍ଣଚନ୍ଦ୍ର ରାଉତ, ପ୍ରଦୀପ କୁମାର ସରାବୁ, ପ୍ରମୋଦ କୁମାର ଠାକୁର, ତରୁଣମଣି ନାଗ, ସଞ୍ଜିତ୍ ନାଏକ, ଶିବାନନ୍ଦ ବେନିଆ, ରଶ୍ମିରଞ୍ଜନ ସୁନା, ଅରୁଣ କୁମାର ପଟ୍ଟନାୟକ, ଚିତ୍ତରଞ୍ଜନ ଦଳପତି ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ପ୍ରଶାନ୍ତ କୁମାର ପଣ୍ଡା, ଅବିନାଶ୍ ନନ୍ଦ, ଯଶୋଦା ପଟ୍ଟନାୟକ, ସତ୍ୟବତୀ ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସୁଧାକର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଶିକ୍ଷକ ଭବନର ଭୂମିପୂଜନ ଉତ୍ସବ

**ସିନାପାଲି,୨୭ ।୧(ସମିସ):** ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସିନାପାଲି ଆନୁକୂଲ୍ୟରେ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ନୂତନ ଶିକ୍ଷକ ଭବନର ଭୂମି ପୂଜନ ହୋଇଛି। ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଭବନ ନିର୍ମାଣ ନିମନ୍ତେ ବିଧାୟକ ଶ୍ରୀ ପାଣିଗ୍ରାହୀ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁଦାନ ରାଶି ସହାୟତା କରିଥିବା ଜଣାପଡ଼ିଛି। ମଞ୍ଚ ପରିଚାଳନା ବୈଷ୍ଣବ ମେହେର ଓ ଲୋଚନ ମେହେର କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ ବଂଶୀଧର ଜଗତ, ଧିରେନ୍ଦ୍ର ସା, ଦୀପକ ସା, ନିକୁଞ୍ଜ ବିହାରି ସା ଗାଇଥିଲେ। ମନ୍ଦାକିନୀ ବଘେଲ, ସିନାପାଲି ବ୍ଲକ୍ ଅଧ୍ୟକ୍ଷା ମାଧୁରୀ ମାଝୀ, ସିନାପାଲି ବିଡିଓ ସର୍ବେଶ୍ୱର ଜାଲ, ସିନାପାଲି ସହଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶନ୍ନ କୁମାର ମାଝୀ, ବାଲାଜୀ ହରିଜନ, ହୃଦାନନ୍ଦ ମାଝୀ, ପଞ୍ଚାନନ ଖମାରି ପ୍ରମୁଖ ମଞ୍ଚାସୀନ ଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ଲଡୁଗାଁ,୨୭ ।୧(ସମିସ):** ରାଜ୍ୟ ସରକାରଙ୍କ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓମଫେଡ୍ ରାଜ୍ୟ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ମାଣିକେଶ୍ୱରୀ କଲେଜ ଥୁ. ରାମପୁର ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବେ ବିଡ଼ିଓ କୋକସରା ସ୍ନେହାପ୍ରଭା ମାଝୀ,ବ୍ୟୋମକେଶ ପଣ୍ଡା ଉପସ୍ଥିତ ରହି ଥିବାବେଳେ ମଞ୍ଚ କାର୍ଯ୍ୟକ୍ରମ ସଂଯୋଜନା ଅଧ୍ୟାପକ ଐରି ନାସନ ଚିନ୍ଦା ଓ ଅଧ୍ୟାପିକା କନକ ମଞ୍ଜରୀ ବେହେରା କରିଥିଲେ। ଏହି ଅବସର ରେ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତି ର ଅସ୍ମିତା ଉପରେ ବକ୍ତା ମାନେ ମତ ଦେଇଥିଲେ। ଅନୁଷ୍ଠିତ ହୋଇଥିବା ବିଭିନ୍ନ ଭାଷା, ସାହିତ୍ୟ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ଓମଫେଡ ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପିକା ଶୁଭଶ୍ରୀ ସାହୁ ଓ କର୍ମଚାରୀ ପୁଷ୍ପିତା ବିଶି, ସୁନିଲ ପ୍ରଧାନୀ, ତପନ ବିଶି, ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।



## 'କର୍ତ୍ତବ୍ୟ' ପକ୍ଷରୁ ସାଇକଲ ବଣ୍ଟନ

**ଥୁଆମୂଳରାମପୁର,୨୭ ।୧(ସମିସ):** ସାଧାରଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟ ଅନୁଷ୍ଠାନ ତରଫରୁ ଝିଅମାନଙ୍କୁ ସାଇକଲ ବଣ୍ଟନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ତ୍ତବ୍ୟ ତରଫରୁ ୫ ଜଣଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ସାଇକଲ ବଣ୍ଟନ କରାଯାଇଛି। ଏମାନେ ହେଲେ ବାଗଡ଼ିଆନି ଗ୍ରାମର ଜ୍ୟୋସ୍ନା ମାଝୀ, ସୁକସାନ ଗ୍ରାମର ସୁବ୍ରୁନା ମାଝୀ, ଲାଠିଆଗୁଡା ଗ୍ରାମର ଅବନ୍ତି ମାଝୀ, ଜଟାଙ୍ଗ ପଡ଼ା ଗ୍ରାମର ଲଭଲୀ ମାଝୀ ଏବଂ ଧୁଳିଗୁଡ଼ା ଗ୍ରାମର ପ୍ରିୟଙ୍କା ମାଝୀ। ବିଆର୍‌ସିସି ସୁରେଶ ଚନ୍ଦ୍ର ବେହେରା ଏବଂ ଏବିଇଓ ଶ୍ରୀଚନ୍ଦ୍ର ଶେଖର ନାଏକ ଝିଅ ମାନଙ୍କୁ ସାଇକଲ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ସୁଦର୍ଶନ ନାଏକ, ଅମିତ୍ ନାୟକ, ପ୍ରତିମା ନାଏକ, ଡମ୍ବୁରୁଧର ନାଏକ, ସାନୁ ମାଝୀ, ତୁଳସୀ ମାଝୀ, ସୌମ୍ୟମାଝୀ ଓ ସାଇକଲ ପାଇଥିବା ଝିଅ ମାନଙ୍କ ଅଭିଭାବକମାନେ ଉପସ୍ଥିତ ରହିଥିଲେ।



## କଂଗ୍ରେସରୁ ଇସ୍ତଫାଦେଲେ ପୂର୍ବତନ ବ୍ଲକ ସଭାପତି

**ଲାଞ୍ଜିଗଡ଼, ୨୭ ।୧(ସମିସ):** ସାଧାରଣ ନିର୍ବାଚନ ପୂର୍ବରୁ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀରେ ନେତାଙ୍କ ଦଳ ଅଦଳ ବଦଳ ଦେଖିବାକୁ ମିଳିଛି । ଗତ ୮ ତାରିଖରେ ପୂର୍ବତନ ମନ୍ତ୍ରୀ ତଥା ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ବଳଭଦ୍ର ମାଝୀ ଇସ୍ତଫା ଦେଇଥିଲେ । ବଳଭଦ୍ର କଂଗ୍ରେସରେ ଯୋଗଦେବାର ମାତ୍ର ତିନିଦିନ ପରେ ଲାଞ୍ଜିଗଡ଼ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ହରିହର କୁମାର କଂଗ୍ରେସ ଛାଡିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ କଂଗ୍ରେସକୁ ଏକ ବଡ଼ ଝଟ୍‌କା ଲାଗିଛି । ତାଙ୍କର ଇସ୍ତଫା ପତ୍ର ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୁଷଣ ବେମାଲଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଛି । ଶ୍ରୀ କୁମାର ଦୀର୍ଘ ୨୨ ବର୍ଷଧରି କଂଗ୍ରେସର ବିଭିନ୍ନ ପଦରେ ରହି ଦଳପାଇଁ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ ।

## ଦଳ ଛାଡ଼ିଲେ ବିଜେପି ନେତା ଥବିର ନାଏକ

**ଭବାନୀପାଟଣା, ୨୭ ।୧(ସମିସ):** ଦଳରୁ ଇସ୍ତଫା ଦେଇଛନ୍ତି ବିଜେପି ନେତା ଥବିର ନାଏକ । ଭବାନୀପାଟଣା ନଗର ଉପସଭାପତି ଭାବେ ଦାୟିତ୍ୱରେ ଥିବା ଥବିର ନିଜ ବ୍ୟକ୍ତିଗତ କାରଣରୁ ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି । ସେ ନିଜ ଇସ୍ତଫା ପତ୍ର ବିଜେପିର ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କୁ ପଠାଇଥିବା ଜଣାପଡ଼ିଛି । ତେବେ ନିଜର ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସେ ଜଣାଇ ନ ଥିଲେ ହେଁ ସେ ବିଜେଡିକୁ ଯିବା ନେଇ ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ, ଛାତ୍ର ଜୀବନରୁ ଜନତା ଦଳରେ ସେ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ସମୟରେ ଦୁଇ ଥର ଭବାନୀପାଟଣା ସଦର ଆସନରୁ ଜନତା ଦଳର ଟିକେଟରେ ବିଧାୟକ ପ୍ରାର୍ଥୀ ହୋଇଥିଲେ । ଏହାପରେ ସେ ବିଜେପି ଦଳରେ ସାମିଲ ହୋଇଥିଲେ ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

**ଜୟପାଟଣା, ୨୭ ।୧(ସମିସ):** ଶନିବାର ସକାଳେ ଜୟପାଟଣା ବ୍ଲକ ଅଧିକ ପିପଳଗୁଡ଼ା ଗ୍ରାମର ଗୌରଚନ୍ଦ୍ର ପଣ୍ଡାଙ୍କ ୮୭ ବର୍ଷ ବୟସରେ ପରଲୋକ ଘଟିଛି । ସେ ୧୯୬୨ ମସିହାରୁ ୧୯୬୭ ମସିହା ପର୍ଯ୍ୟନ୍ତ ଜୟପାଟଣା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ ତୁଲାଇ ଥିଲେ । ଅନ୍ତିମ ସଂସ୍କାରରେ ଅଞ୍ଚଳର ଶତାଧିକ ବ୍ୟକ୍ତି ଯୋଗଦାନ କରିଥିବାବେଳେ ଦ୍ୱିତୀୟ ପୁତ୍ର ଦିଲୀପ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ । ପ୍ରଥମ ପୁତ୍ର ପ୍ରଶାନ୍ତ କୁମାର ପଣ୍ଡାଙ୍କ ସହିତ ଚାରି ନାତି ରାଧାକାନ୍ତ, ଶ୍ରୀକାନ୍ତ, ଅନନ୍ତ ଓ ସୌମ୍ୟକାନ୍ତ ଉପସ୍ଥିତ ଥିଲେ । ସେ ପୂର୍ବତନ ମନ୍ତ୍ରୀ ତଥା କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ଶ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓଙ୍କ ମିତ ବାପା ଥିଲେ ।



## ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**କୋମନା, ୨୭ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ଅନୁସୂୟା କୁମ୍ଭାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ କୋମନା ବିଡିଓ ଏବିଡିଓ ଓ ଜନସାଧାରଣ ତଥା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସେହିଭଳି ମହୁଲଭଟା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟିକ୍ରାପଡ଼ା ଶ୍ରୀ ଜଗନ୍ନାଥ ହାଇସ୍କୁଲ, କୋମନାର ସମସ୍ତ ଶିକ୍ଷାନୁଷ୍ଠାନ, କୁରେଶ୍ୱର ହାଇସ୍କୁଲ, ତରବୋଡ ହାଇସ୍କୁଲ, ବିଶିବାହାଲ ହାଇସ୍କୁଲ, ଛତା ଓ ମେଣ୍ଢାଟାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତଥା ବ୍ଲକର ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମାନଙ୍କରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଛି ।

## ରକ୍ତଦାନ ଶିବିର: ୧୦୧ ୟୁନିଟ୍ ସଂଗ୍ରହ

**କଲମପୁର, ୨୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର କଲ୍ୟାଣ ମଣ୍ଡପ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂ ଦେଓଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ପୂର୍ବତନ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ରକ୍ତ ଦାନ କରିଥିଲେ । ଏଥିରେ ସମୁଦାୟ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ରକ୍ତଦାନ ଶିବିରରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲ୍ଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜୀବନ ବିନ୍ଦୁ ସଂଯୋଜକ ଅମିତ ଯାଦବ, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ବାଗ, ରବି ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ । ଏଲଟି ଅଜିତ ନାଏକ, ସଞ୍ଜୀବ ମହାଖୁଡ଼, ତେଜରାଜ ଦଣ୍ଡସେନା, ଏଟେନଟେଣ୍ଟ ଗିରିସ ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ମାନସ ପଣ୍ଡା, ନବୀନ ପଣ୍ଡା, ନିବେଦିତା ହଂସ, ଦୁହିତା ମାଝୀ, ସଦାନନ୍ଦ ଚନ୍ଦନ, ଅମୀର ଅଲ୍ଲୀ, ମିଳିନ ପାତ୍ର, ମଧୁଛନ୍ଦା ଭଞ୍ଜ, ଚେରୁ ନାୟକ, ଘନଶ୍ୟାମ ନାଏକ, ଅଜିତ ମୁଣ୍ଡ, ମନୋରଞ୍ଜନ ମୁଣ୍ଡ, ଭଗବାନ ବିହାରୀ, କାମାକ୍ଷୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




### ରାଜ୍ୟପାଳଙ୍କ ଦିନିକିଆ ନୂଆପଡ଼ା ଗସ୍ତ

# ସମାଜ ପରିପୁଷ୍ଟ ହେଲେ ଦେଶ ଆଗେଇବ

**ନୂଆପଡ଼ା, ୨୭ ।୧(ସମିସ)**

କୌଣସି ବି ସମାଜକୁ ସୁସ୍ଥ ହେବାକୁ ହେବ । ଅର୍ଥନୈତିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ସମାଜ ପରିପୁଷ୍ଟ ହେଲେ ଦେଶ ଆଗକୁ ଯିବ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ଶନିବାର ଦିନିକିଆ ନୂଆପଡ଼ା ଗସ୍ତରେ ଆସି ସ୍ଥାନୀୟ ଖରିଆରରୋଡସ୍ଥିତ ସାହୁ ଭବନରେ ଜିଲ୍ଲା ସାହୁ ସମାଜ ତରଫରୁ ଆୟୋଜିତ ରାଜୀମ୍ ଜୟନ୍ତୀ ମହୋତ୍ସବରେ ଯୋଗ ଦେଇ ଏହା କହିଥିଲେ । ଜିଲ୍ଲା ସଭାପତି ଦେଓଧର ସାହୁ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟପାଳ ମୁଖ୍ୟ ଅତିଥି, ସାଂସଦ ବସନ୍ତ କୁମାର ପଣ୍ଡା, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପଡୋଶୀ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ସାଂସଦ ଚୁନିଲାଲ ସାହୁ, କସଡୋଲ ବିଧାୟକ ସନ୍ଦିପ ସାହୁ, ଛତିଶଗଡ଼ ରାଜ୍ୟ ଉପସଭାପତି ଖିଲାବନ ସାହୁ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ନ୍ୟାସନାଲ କଲେଜ ଅଧ୍ୟକ୍ଷ ହିତେଶ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଧନୀରାମ ସାହୁ, ମନୋଜ ସାହୁ, ଦେବେନ୍ଦ୍ର ସାହୁ, ପ୍ରେମ ସାହୁ, ଜଗଦିଶ ସାହୁ ପ୍ରମୁଖ ସହଯୋଗୀତା କରିଥିଲେ ।




## ଶିଶୁମାନେ ଦେଶର ଭବିଷ୍ୟତ, ଶିଶୁ ଜାଗିଲେ ଦେଶ ଜାଗିବ

ରାଜ୍ୟପାଳ ରଘୁବର ଦାସ ସକାଳେ ନୂଆପଡ଼ାରେ ଆସି ପହଞ୍ଚିଥିବାବେଳେ ସ୍ଥାନୀୟ ସର୍କିଟ ହାଉସରେ କିଛିକ୍ଷଣ ରହିବାପରେ ସ୍ଥାନୀୟ ଦଳଦଳୀସ୍ଥିତ ଏକ ଅଙ୍ଗନବାଡି କେନ୍ଦ୍ରରେ ଯାଇଥିଲେ । ସେଠାରେ ଶିଶୁମାନଙ୍କ ସହ କିଛି ସମୟ ବିତାଇଥିଲେ । ଶିଶୁମାନେ ଦେଶର ଭବିଷ୍ୟତ । ଏମାନଙ୍କଠାରୁ କୁପୋଷଣ ଦୂର କରିବା ଦରକାର ବୋଲି କହିଥିଲେ । ତାଙ୍କ ସହ ଯୋଗ ଦେଇଥିବା ଜିଲ୍ଲାପାଳ ହେମକାନ୍ତ ସୟ, ଏସ୍‌ପି ଜି.ଆର.ରାଘବେନ୍ଦ୍ରଙ୍କୁ ଶିଶୁଙ୍କୁ ନେଇ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ଉପରେ ବିଶେଷ ଗୁରୁତ୍ୱଦେବାକୁ ପରାମର୍ଶ କରିଥିଲେ । ଏହାପରେ ଟାନୱାଟ ପଞ୍ଚାୟତର ଲୁକୁପାଲିର ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ । ସେଠାରେ ଆଶାକର୍ମୀମାନଙ୍କୁ ସବୁବେଳେ ତତ୍ପର ହୋଇ ମା' ଓ ଶିଶୁର ପ୍ରଯତ୍ନ ସକାଶେ କାମ କରିବାକୁ କହିଥିଲେ । ମଧ୍ୟାହ୍ନରେ ବଲୋଦାଠାରେ ଚାଲିଥିବା ଏନ୍‌ଏଏଫ୍‌ସିସି ଯୋଜନାରେ ମହିଳାମାନଙ୍କ ଦ୍ୱାରା ହୋଇଥିବା କୋବି, କୁକୁଡ଼ା ଚାଷ ବୁଲି ଦେଖିଥିଲେ । ଏସବୁରେ ମଧ ଜୈବିକ ସାରର ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ । ଅପରାହ୍ନରେ ମିଛାପାଲି ପଞ୍ଚାୟତ ଗସ୍ତକରି ସେଠାରେ ଆଦିବାସୀ ଭୁଞ୍ଜିଆ ମହିଳାମାନଙ୍କର ଜୀବନ ଜୀବିକା ଉପରେ ପଚାରି ବୁଝିଥିଲେ । ଷ୍ଟ୍ରବେରୀ ଚାଷ ଦେଖିଥିଲେ । ସନ୍ଧ୍ୟାରେ ନୂଆପଡ଼ା ବ୍ଲକର ତୋରାର୍ ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଗହଣରେ କିଛି ମୁହୂର୍ତ୍ତ କଟାଇଥିଲେ । ରାତିରେ ନୂଆପଡ଼ା ସର୍କିଟ ହାଉସରେ ରାଜ୍ୟପାଳଙ୍କ ରହଣୀ ଥିଲା । ଏହି କାର୍ଯ୍ୟକ୍ରମ ପରେ ଭବାନୀପାଟଣା ଗସ୍ତ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି ।



### ପାଣିଟାଙ୍କି ଉପରେ ଚଢ଼ି ଶ୍ରମିକଙ୍କ ଆତ୍ମହତ୍ୟା ଚେତାବନୀ

## ୮ ଘଣ୍ଟା କସରତ ପରେ ଉଦ୍ଧାର

**କର୍ଲାମୁଣ୍ଡା, ୨୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ କଅଁସିଲ୍ ଗାଁରେ ନିର୍ମାଣ ହେଉଥିବା ପାଣିଟାଙ୍କି ଉପରେ ଚଢ଼ି ଜଣେ ଶ୍ରମିକ ଆତ୍ମହତ୍ୟା ଚେତାବନୀ ଦେଇଥିଲେ । ଦୀର୍ଘ ୮ ଘଣ୍ଟାପରେ ପୁଲିସ ଓ ଅଗ୍ନିସମ କର୍ମଚାରୀମାନେ ତାଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ । ଯୁବକ ଜଣକ ନବରଙ୍ଗପୁର ଜିଲ୍ଲାର କୁମାର ଗୁଡ଼ା ଗାଁର ମହେଶ(୨୮) । ପାଣି ଟାଙ୍କି ଉପରେ ଚଢ଼ିଯାଇ ଆଉ ତଳକୁ ଓହ୍ଲାଉ ନ ଥିବାବେଳେ ସହକର୍ମୀ ଶ୍ରମିକ ଓ ଗ୍ରାମବାସୀ ପୁଲିସ ଫାଣ୍ଡି ଓ ଅଗ୍ନିଶ୍ରମ ବିଭାଗକୁ ଖବର ଦେଇଥିଲେ । ମ ରାମପୁର ଥାନାଧିକାରୀ ସୁଦର୍ଶନ ନାଏକ, ରିଷିଡ଼ା ଫାଣ୍ଡି ଅଧିକାରୀ ବିପିନ ବିହାରୀ ମିଶ୍ର ସଦଳବଳ ଓ ଅଗ୍ନିଶମ କର୍ମଚାରୀ, ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କରିବାକୁ ଓ ତଳକୁ ଆଣିବାକୁ ପ୍ରୟାସ କରିଥଲେ ବି ଦୀର୍ଘ ସମୟ ଯାଏ ବିଫଳ ହୋଇଥିଲେ । ଯୁବକ ଜଣକ ହାତରେ ଗୋଟେ ଛୋଟ ବାଡି ଧରିଥିଲା । ତହସିଲଦାର ଅରୁଣ ବର୍ଗେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିଲେ । ତେବେ ଦୀର୍ଘ ୮ ଘଣ୍ଟା କାଳ ଉଦ୍ୟମ କଲାପରେ ବଲାଙ୍ଗିର ଜିଲ୍ଲା ଓଡ୍ରାଫ ଦଳ ପହଞ୍ଚିବା ପରେ ତାକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା । ତାକୁ ତୁରନ୍ତ କର୍ଲାମୁଣ୍ଡା ସିଏଚ୍‌ସିକୁ ପଠାଇ ତାର ଶାରୀରିକ ଚିକିତ୍ସା କରାଯାଇଥିଲା । ଉକ୍ତ ବ୍ୟକ୍ତି କିଛି ମାସ ତଳେ ବି ଏପରି କରିବାକୁ ଉଦ୍ୟମ କରୁଥିଲା ବୋଲି ତାର ସାନଭାଇ କହିଛନ୍ତି ।



## କଳାହାଣ୍ଡି ଲେଖିକା ସଂଘର 'ସ୍ୱାଗତ ଶ୍ରୀରାମ କାବ୍ୟୋତ୍ସବ'

**ଭବାନୀପାଟଣା, ୨୭ ।୧ (ସମିସ):** କଳାହାଣ୍ଡି ଲେଖିକା ସଂଘର 'ସ୍ୱାଗତ ଶ୍ରୀରାମ କାବ୍ୟେତ୍ସବ' ଗୁଗୁଲ ମିଟ୍ ମାଧ୍ୟମରେ ହୋଇଛି । ଏହି ଅବସରରେ ଗାଳ୍ପିକା ପ୍ରଜ୍ଞାପରିମିତା ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ଅନୁଷ୍ଠାନର ସଭାପତି ସୁଦେଷ୍ଣା ପଣ୍ଡା ପରିଚାଳନା କରିଥିବାବେଳେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଗାୟିକା ସସ୍ମିତା ରଥ । କବି ବନଶ୍ରୀ ଦାସଙ୍କ ସଂଯୋଜନାରେ ନାହେଦା ଶାହୀନ, ଅନୀତା ମୁଣ୍ଡ, କବିତା ମୁଣ୍ଡ, ଦୀପ୍ତି ମୁଣ୍ଡ, ପଦ୍ମିନୀ ବେହେରା, ପ୍ରମୋଦିନୀ ପଣ୍ଡା, ପ୍ରତିଭା ଭୋଇ, ସବିତା ଶତପଥୀ, ସଂଯୁକ୍ତା ମୁଣ୍ଡ, ସସ୍ମିତା ସାହୁ, ସତ୍ୟପ୍ରଭା ମିଶ୍ର, ସୁଚିସ୍ମିତା ରଥ, ଝରଣା ପାଢ଼ୀ, ଭାରତୀ ମିଶ୍ର, ପ୍ରେମଶୀଳା ବେହେରା, ମଞ୍ଜୁ ରଥ, କଳ୍ପନା ରଥ, ସସ୍ମିତା ମୁଣ୍ଡ, ଅର୍ଚ୍ଚନା ମିଶ୍ର, ବନଶ୍ରୀ ଦାଶ ପ୍ରମୂଖ ୨୫ ରୁ ଊର୍ଦ୍ଧ୍ୱ କବି କବିତା ଏବଂ ଭଜନ ପରିବେଷଣ କରିଥିଲେ ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଭବାନୀପାଟଣାକୁ ହରାଇ ମୁଣିଗଁ ଚାମ୍ପିଅନ

**ନର୍ଲା, ୨୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ପ୍ରଜ୍ଞା ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଏଥିରେ ଭବାନୀପାଟଣା ଏଲ୍‌ବିଏସ୍ ଦଳକୁ ହରାଇ ମୁଣିଗଁ ଦଳ ଚାମ୍ପିଅନ ହୋଇଛି । କୋରୋନାରେ ମୃତ୍ୟୁବରଣ କରିଥିବା ଜିଲ୍ଲାସ୍ତରୀୟ ଫୁଟବଲ ଖେଳାଳି ପ୍ରଜ୍ଞାନନ୍ଦ ନାୟକଙ୍କ ନାମରେ ନାମିତ କରାଯାଇଛି । ଆଠଟି ଦଳ ମଧ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଉଦ୍‌ଯାପନୀ ଦିବସରେ ଭବାନୀପାଟଣା ଏଲ୍‌ବିଏସ୍ ଦଳକୁ ଟାଇବ୍ରେକରରେ ହରାଇ ମୁଣିଗଁ ଦଳ ଚାମ୍ପିଅନ ହୋଇଛି । ଏଥିରେ ମୁଣିଗଁ ଦଳ ୪-୨ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ବିଧାୟକ ଭୁପିନ୍ଦର ସିଂ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।



## ଶିରିମସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆମୂଳ ରାମପୁର, ୨୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଶିରିମସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଏମ୍‌ଏମପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସିନ୍ଧିପଦର ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ମାଝୀ, ଥୁଆମୂଳ ରାମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃତୀବାସ ନାଏକ, କାଣିଗୁମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବଶଙ୍କର ରାୟ ଏବଂ ସିଆର୍‌ସିସି ତପନ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈରାଗୀ ଚରଣ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ବାର୍ଷିକ ବିବରଣୀ ପାଠ କରିଥିଲେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିରଞ୍ଜନ ଦାସ । ହରି ନାରାୟଣ ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଜ୍ଞାନବ୍ରତ ପ୍ରଧାନ, ରାହୁଲ ମେହେର, ଶିବରାମ କାର୍ଜି, କାହ୍ନୁ ମାଝୀ, ସୌଭାଗ୍ୟ ରଞ୍ଜନ ରାଉତ ଏବଂ ଶିକ୍ଷକ ବାବୁଲା ବାହିଆ ପ୍ରମୁଖ ସହଯୋଗ କରିଥିଲେ ।

## ଅଣଗେଜେଟେଡ୍ କର୍ମଚାରୀ ପକ୍ଷରୁ ମେଗା ରକ୍ତଦାନ ଶିବିର

**ଭବାନୀପାଟଣା, ୨୭ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଅଣଗେଜେଟେଡ କର୍ମଚାରୀ ସମନ୍ୱୟସମିତି, କଳାହାଣ୍ଡି ଶାଖା ଓ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ଭବାନୀପାଟଣା ପକ୍ଷରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ରାଜ୍ୟ ବାଣିଜ୍ୟ, ଜଳ ସମ୍ପଦ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର, ଜିଲ୍ଲା ଯୋଜନା ଅଧିକାରୀ ଶ୍ରୀକାନ୍ତ ଦଳେଇ, ଭବାନୀପାଟଣା ତହସିଲଦାର ମଧୁସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଭବାନୀପାଟଣା ଠାରେ ଆୟୋଜିତ ରକ୍ତଦାନ ଶିବିରରେ ୬୮ଜଣ ରକ୍ତଦାନ କରିଥିଲେ । ଆୟୋଜିତ ଶିବିରରେ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଶାଖାର ସଭାପତି ରୂପ କେଶରୀ ଦଳେଇ, ସମ୍ପାଦକ ଅଭିମନ୍ୟୁ ମହାନନ୍ଦ, ଅମଲା ସଂଘ ସଭାପତି ସୁକାନ୍ତ ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ, ନିଖିଳ ଉତ୍କଳ ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘ ସଭାପତି ଭାବଗ୍ରାହୀ ନାୟକ, ସମ୍ପାଦକ ଶୁକଦେବ ମାଝୀ, ଅମଲା ସଂଘ କୋଷାଧ୍ୟକ୍ଷ ମନୋରଞ୍ଜନ ଛତ୍ରପାଳ ଏବଂ ବିଶ୍ୱନାଥ ବାଗ, ଡମ୍ବରୁଧର ଗଉଡ, ବିଶ୍ୱନାଥ ମୁଣ୍ଡ, ଭବାନୀ ଶଙ୍କର ବିଶ୍ୱାଳ, ପ୍ରଦୀପ ଠାକୁର, ଦେବରାଜ ଛତ୍ରିଆ, ସନ୍ତୋଷ କୁମାର ଜାନି, ବରିଷ୍ଠ ସମାଜସେବୀ ପ୍ରଶାନ୍ତ ପ୍ରଧାନ, ସୀତାକାନ୍ତ ପ୍ରଧାନ, ସୁଶାନ୍ତ ମହାରଣା, ବିଶ୍ୱନାଥ ନାଗ ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ରକ୍ତ ଭଣ୍ଡାରର ଅଧିକାରିଣୀ ଜୟନ୍ତୀବାଳା ନାୟକ, ଟେକ୍ନିସିଆନ୍ ଡମ୍ବରୁଧର ସାହୁ, ସଂଘମିତ୍ରା ସୁନା, ଜଞ୍ଜିର ନାଏକ, ଚତୁର୍ଭୁଜ ଦୁବେ, ବୃକଧର ଚନ୍ଦନ ସୁବାସ ଦାସ, ସରୋଜ କୁମାର ମହାନ୍ତ, ଚିଫ୍ ମୋଟିଭେଟର୍ ସୁନୀଲ କୁମାର ଶତପଥୀ, ଅସ୍ମିତ ଆର୍ଯ୍ୟନ୍ ଶତପଥୀ ।



## 'ତପସ୍ୱିନୀ'ର ମାତୃଶକ୍ତି ସମ୍ମିଳନୀ

**ଭବାନୀପାଟଣା, ୨୭ ।୧(ସମିସ):** କଳାହାଣ୍ଡି ଜିଲ୍ଲାରେ ତପସ୍ୱିନୀର ଏକ ମାତୃଶକ୍ତି ସମ୍ମିଳନୀ ଭବାନୀପାଟଣାସ୍ଥିତ ଟାଉନହଲ ଠାରେ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ନମିତା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନାରୀ ସବୁବେଳେ ସର୍ବଂସହା ଏବଂ ନାରୀର ଏହି ସର୍ବଂସହା ଗୁଣଯୋଗୁ ଏ ସମାଜ, ରାଷ୍ଟ୍ରରେ ଏକତ୍ୱ ଭାବ ରହିଛି ବୋଲି ମତ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡଃ ହେମାଙ୍ଗିନୀ ମେହେର ଯୋଗଦେଇ ଥିଲେ । ଦ୍ୱିତୀୟ ଅଧିବେଶନରେ ଝୁନୁପମା ଶତପଥୀଙ୍କ ପରିଚାଳନାରେ ସ୍ଥାନୀୟ ମହିଳାଙ୍କ ସ୍ଥିତି ବିଷୟ ଉପରେ ଆଲୋଚନା କରାଯାଇଥିଲା । ଚର୍ଚ୍ଚାରେ କଳାହାଣ୍ଡିରେ ମଦ ସମସ୍ୟା ଏକ ଉତ୍କଟ ସମସ୍ୟା ରୂପେ ଛିଡ଼ାହୋଇଛି ବୋଲି ମତ ପ୍ରକାଶ ପାଇଥିଲା । ଏହି ଅଧିବେଶନରେ ଅତିଥି ଭାବରେ ମଞ୍ଚାସୀନ ଥିଲେ ଆଡ଼ଭୋକେଟ ମମତାଜ ବେଗମ, ଲେଖିକା ନାହିଦା ସାହିନ୍, ଶାରଦା ପଟେଲ ଏବଂ ବଲବୀର କୌର ସାନ୍ଧୁ । ସମାପନୀ ସଭାରେ ବଲାଙ୍ଗୀର ବିନାୟକ ପବ୍ଲିକ ସ୍କୁଲର ନିର୍ଦ୍ଦେଶିକା ସରସ୍ୱାତୀ ନନ୍ଦ ଏବଂ ଭବାନୀପାଟଣା ଇଞ୍ଜିନିୟରିଙ୍ଗ କଲେଜର ଅଧ୍ୟାପିକା ଡ. ପ୍ରିୟା ଶଶିଧରନ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ କଳାହାଣ୍ଡି ଲେଖିକା ସଂଘ, ମାରୱାଡି ମହିଳା ଜାଗୃତି ମଞ୍ଚ, କଳାହାଣ୍ଡି ସଫେଇ କର୍ମଚାରୀ ସଂଘ, ପ୍ରଜ୍ଞା ବାହିନୀ, ନମିତା ସାହୁ ଏବଂ ଚାରୁଲତା ବାବୁଙ୍କୁ ମାଟିକୁ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ନୃତ୍ୟ ପରିବେଷଣ କରିଥିଲେ ବିମଳା କନଭେଣ୍ଟର ଛାତ୍ରୀ ସିମର୍ ସାନ୍ଧୁ । ଅନୁଷ୍ଠାନର ପ୍ରତିଭା ଭୋଇ ଏବଂ ସରସ୍ୱତୀ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୁରୁପ୍ରୀତ କୌର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁଦେଷ୍ଣା ପଣ୍ଡା, କଳ୍ପନା ରଥ, ଦୀପ୍ତି ମୁଣ୍ଡ, ସ୍ୱର୍ଣ୍ଣକାନ୍ତି ବୈକାର, ମିନତି ପ୍ରଧାନ, ସବିତା ଶତପଥୀ, କାଜଲ ମହାରଣା, ବନଶ୍ରୀ ଦାସ, ନାହେଦା ଶାହୀନ, ସବିତା ଦାସ, ସୁନୀତି ମୁଣ୍ଡ, କବିତା ମୁଣ୍ଡ, ଆନନ୍ଦିନୀ ପାତ୍ର, ଅନିତା ମୁଣ୍ଡ, ବାସନ୍ତୀ ସାହୁ, ସ୍ନେହଲତା ଷଡ଼ଙ୍ଗୀ, ପ୍ରେମଶିଳା ବେହେରା, ଅର୍ଚ୍ଚନା ମିଶ୍ରଙ୍କ ସମେତ ବହୁ ନାରୀକବି ଓ ନାରୀନେତ୍ରୀ ଯୋଗ ଦେଇଥିଲେ ।

# ବୋର୍ଡର ଚାମ୍ପିଅନ ଟ୍ରଫି ଉଦ୍‌ଯାପିତ, ବେହେରା ଚାମ୍ପିଅନ

**ବେହେରା, ୨୭ ।୧(ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରାଗୁଡା ଚଞ୍ଚରାଡଙ୍ଗରିଠାରେ ବେହେରାଗୁଡା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ବୋର୍ଡର ଚାମ୍ପିଅନ ଟ୍ରଫିର ଫାଇନାଲ ମ୍ୟାଚ ବେହେରା ଦନ୍ତେଶ୍ୱରୀକ୍ରିକେଟ କ୍ଲବ ବନାମ ନନ୍ଦଗାଁ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା । ନନ୍ଦଗାଁ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୨ ଓଭର ଖେଳି ବେହେରା ଦଳ ୧୩୭ ରନ୍ ସଂଗ୍ରହ କରିଥିଲା । ନନ୍ଦଗାଁ ଦଳ ୧୧.୫ ଓଭରରେ ୧୧୮ ରନ୍ କରିବାରେ ସକ୍ଷମ ହୋଇଥିଲା । ମ୍ୟାଚକୁ ଅମ୍ପାୟାର ଭାବେ ସୋମ୍ୟରଞ୍ଜନ ଗୋପାଳ ଏବଂ ସୁନୀଲ ହଂସ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଟିଙ୍କୁ ଛତ୍ରିଆ ସହଯୋଗ କରିଥିଲେ । ଧାରା ବିବରଣୀ ଶିକ୍ଷକ ଚକ୍ରଧର ବାରିକ, କ୍ଷୀରସିନ୍ଧୁ ବାଗ ଓ ଦିପେନ୍ଦ୍ର ଗାନ୍ଧୀ କରିଥିଲେ । ବେହେରା ଦଳର ଟେମ୍ପୁ ମ୍ୟାନ ଅଫ ଦି ମ୍ୟାଚ ଓ ସଞ୍ଜୀବ ଗୋପାଳ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଜେଡି ସଭାପତି ମାନସ ବାଗ, ସମ୍ମାନିତ ଅତିଥି ଭାବେ ଛଞ୍ଚାଣ ବାହାଲି ସରପଞ୍ଚ ପ୍ରୀତି ବେମାଲ, ଜିଲ୍ଲାପରିଷଦ ସଭ୍ୟ ଶଙ୍କର ଜୁଏଡ଼, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ତିୱାରୀ, କର୍ତ୍ତବ୍ୟର ସଂଯୋଜକ ନିରାକାର ଦଣ୍ଡସେନା, ବିଜେଡି ନେତା ଗୌର ବାଗ ପ୍ରମୁଖ ଉପସ୍ଥିତ ଥିଲେ । ନୀଳମ୍ବର ପୋଡ଼, ଗଗନେ ବେମାଲ, ଶୋଭିତ ଗାନ୍ଧୀ, ଗଜେନ୍ଦ୍ର ଚିଲାଗୁନ, ଲିଟୁ ହଂସ, ଅମୂଲ୍ୟ ନାଏକ, ମଣ୍ଟୁ ପୋଡ଼, ନାରାୟଣ ସାଗର, ହମନାଥ ବାରିକ ତଥା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।




## ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ଦେବଦୂତ ସାଜିଲେ ଡବ୍ଲୁଓଡିସି ସଦସ୍ୟ ଅବିନାଶ

**ମ.ରାମପୁର, ୨୭ ।୧(ସମିସ):** ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଦେବଦୂତ ସାଜିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଅବିନାଶ ଠାକୁର । ଶେରଗଡ଼ ତାରିଣୀ ମନ୍ଦିର ପୂର୍ବରୁ ଏକ ବାଇକ୍ ଓ ସାଇକଲ ଆରୋହୀଙ୍କ ମଧ୍ୟରେ ଦୁର୍ଘଟଣା ଘଟିଥିଲା । ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ଅବିନାଶ ଠାକୁର ସେହି ରାସ୍ତାରେ ଯାଉଥିବାବେଳେ ଲୋକ ରୁଣ୍ଡ ହୋଇଥିବା ଦେଖି ଅଟକିଥିଲେ । ଆହାତ ହୋଇଥିବା ସାଇକଲ ଆରୋହୀଙ୍କ ପାଇଁ ଶିଘ୍ର ଆମ୍ବୁଲାନ୍ସର ବନ୍ଦୋବସ୍ତ ହୋଇପାରି ନ ଥିଲା । ତେଣୁ ଶ୍ରୀ ଠାକୁର ତାଙ୍କ ନିଜ ଗାଡିରେ ଆହତଙ୍କୁ ନେଇ ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେ ମୁଡିଂ ପଞ୍ଚାୟତ ଡଙ୍ଗା ପଟା ଗାଁ ର ପଙ୍କଜ ମାଝୀ ବୋଲି ତାଙ୍କ ପରିଚୟ ଜଣାପଡ଼ିଛି ।



# ଗାଁରୁ ସହର ସବୁଠି ଉଡ଼ିଲା ତ୍ରିରଙ୍ଗା







**ସୋନପୁର, ୨୭ ।୧ (ସମିସ)**

ସୋନପୁର ରାମେଶ୍ୱର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଥିଲେ। ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେଡ କମାଣ୍ଡର ଆରଆଇ କାହ୍ନୁଚରଣ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ସମବେତ ପରେଡରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୩୭ଟି ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗର ଉନ୍ନୟନ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କିତ ପ୍ରଜ୍ଞାପନ ମେଢ଼ ପଡ଼ିଆରେ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷ, ସଂସ୍ଥା, କର୍ମଚାରୀ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ୧୩ ଜଣ ଶିଳ୍ପୀଙ୍କୁ ମଞ୍ଚରେ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପ୍ୟାରେଡରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଏନସିସି, ସ୍କାଉଟ, ଗାଇଡ, ରେଡକ୍ରସ, ସିଭିଲିଆନ ଗ୍ରୁପରୁ ବିଭିନ୍ନ ବର୍ଗରେ ୧୨ଟି ଦଳକୁ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ରୟାଲ ପଡ଼ିଆରେ ଅନୁଷ୍ଠିତ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚରେ ଜିଲ୍ଲାପାଳ ଏକାଦଶ ଦଳ ନଗରପାଳ ଏକାଦଶ ଦଳକୁ ୨-୦ ଗୋଲ୍‌ରେ ପରାସ୍ତ କରିଥିଲା। ସନ୍ଧ୍ୟାରେ ନୂତନ ଟାଉନହଲ୍‌ଠାରେ ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଗଣତନ୍ତ୍ର ଦିବସ ପାଇଁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାହାରା ଟ୍ରଷ୍ଟ ହାଇସ୍କୁଲ, ଆଦର୍ଶ ୟୁପି ସ୍କୁଲ୍, ବାଳିକା ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ଉଚ୍ଚ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କଳାକାର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେରଙ୍କ ସହିତ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। ପ୍ରାତଃ ସମୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୁନ ପରିବେଷଣ କରାଯାଇଥଲା। ସକାଳେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ପ୍ରଦାନ କରିଥିଲେ।

**ବୌଦ୍ଧ:** ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ଜାତୀୟପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ପତାକା ଉତ୍ତୋଳନ ସମୟରେ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ଓ ସର୍ଜେଣ୍ଟ ଦୁଷ୍ମନ୍ତ ନାୟକ ପରେଡ୍ ପରିଚାଳନା କରିଥିଲେ। ୩୮ଟି ଦଳ ପରେଡ ପ୍ରଦର୍ଶନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଶିକ୍ଷାନୁଷ୍ଠାନର ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା ପ୍ରଦର୍ଶନ ପ୍ରତିଯୋଗିତା, ପ୍ରଜ୍ଞାପନ ମେଢ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ବୌଦ୍ଧ ଏନଏସି ଅଞ୍ଚଳରେ ରାମଧୂନ ପ୍ରଚାର ହେବା ସହ ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରଭାତଫେରୀ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲା ରକ୍ତ ଭଣ୍ଡାର ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଟାଉନହଲରେ ପୁଷ୍ପ ପ୍ରଦର୍ଶନୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ, ଉପକାରାଗାରର ଅନ୍ତେବାସୀ, କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଟାଉନହଲରେ ଏକ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ହାଇସ୍କୁଲଠାରେ ପ୍ରଧାନ ଶିକ୍ଷକ ସଞ୍ଜୀବ ପ୍ରହରାଜ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍ଥାନୀୟ ପୋଷ୍ଟ ଅଫିସ ଛକଠାରେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ସାମ୍ବାଦିକ ଜୟକୁମାର ମହାରଣା, ରଞ୍ଜନ ପାତ୍ର, ଦେବାଶିଷ ମଲିକ, ରାନୁ ସାହୁ, ଶିଶିର ଖଟୁଆ, ବିଘ୍ନେଶ ପ୍ରଧାନ, ଗୋବର୍ଦ୍ଧନ



ସାହୁ ଉପସ୍ଥିତ ଥିଲେ।

**ତରଭା:** ତରଭା ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ଏନଏସି ତରଫରୁ ସାଧାରଣ ଦିବସରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନଗରପାଳ ବନ୍ଦିତା ନାୟକ ଓ ଉପ ନଗରପାଳ ଗଗନ ଅଗ୍ରୱାଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିଥିଲେ। ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ, ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ପରେଡ୍ ସବଜୁନିୟର ବିଭାଗରେ ଗୁଡ଼ୱିଲ ପବ୍ଲିକ ସ୍କୁଲ ପ୍ରଥମ ଓ ଶ୍ରୀ ହରି ବିଦ୍ୟା ନିକେତନ ଦ୍ୱିତୀୟ ହୋଇଛି। ଜୁନିଅରରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରଥମ ଓ ଗୁଡୱିଲ ଦ୍ୱିତୀୟ ହୋଇଥିଲା। ସିନିଅର ବିଭାଗରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରଥମ ଓ ଶ୍ରୀ ହରି ବିଦ୍ୟାଳୟ ଦ୍ୱିତୀୟ ହୋଇଛି। ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଏଇଏସ କଲେଜ ପିଇଟି ସଞ୍ଜୀବ ସାହୁ ପରେଡ୍ ପରିଚାଳନା କରିଥିଲେ।

ସେହିଭଳି ୩ଶହ ମିଟର ଲମ୍ବର ଏକ ତ୍ରିରଙ୍ଗା ତରଭା ସହର ପରିକ୍ରମା କରିଛି। ମାହେଶ୍ୱରୀ ସଂଗଠନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରଦୀପ ମେହେରଙ୍କ ତତ୍ତ୍ୱାବଧାନରେ



ବାଳିକା ହାଇସ୍କୁଲ ସମ୍ମୁଖରେ ଉପଦେଷ୍ଟା ଦଶରଥ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଏଇଏସ କଲେଜ ଅଧ୍ୟକ୍ଷା ମିନତୀ ମିଶ୍ର, ସଙ୍ଗଠିକା କଳ୍ପଲତା ମେହେର, ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ ଓ ସୂର୍ଯ୍ୟନାରାୟଣ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ମାଧବ ସାହୁ, କାଞ୍ଚନ



ବହିଦାର, ବବୁନ ରଣା, ରିଙ୍କୁ ବଗର୍ତ୍ତୀ, ଦୀନ ବାନ୍ଧବ ବାଘ, ଅଭିଷେକ ଝାଙ୍କର, ଅମର ବାଘ, ବାବୁଲାଲ ମେହେର ପ୍ରମୁଖ ସହଯୋଗ କରିଥିଲେ।

ଅନ୍ୟପକ୍ଷେ ଖାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାଧାରଣତନ୍ତ୍ର ଦିବସ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ରଘୁନାଥ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀନ୍ଦ୍ର ମୋହନ ପାଠୀ, ସୁଦାମ ଶେଖର ଦାସ, ପ୍ରଧାନ ଆଚାର୍ଯ୍ୟ ହରିବୋଲ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଚୂଡାମଣି ଟଣ୍ଡକାର ଧନ୍ୟବାଦ ଦେଇଥିଲେ। ଗୁରୁଜୀ ନିହାର ରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ତରଭା ଜେଏନଭିରେ ଅଧ୍ୟକ୍ଷ ଜୟରାମ ନାଏକ, ଏଇଏସ କଲେଜରେ ଅଧ୍ୟକ୍ଷା ମିନତୀ ମିଶ୍ର, ଆଇସିଡିଏସରେ ସିଡିପିଓ ସବିତା ଦୋରା, ବ୍ଲକ କାର୍ଯ୍ୟାଳୟ ଓ ପୁଆ ଶିଶୁ ମନ୍ଦିରରେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ତହସିଲ କାର୍ଯ୍ୟାଳୟରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ମାହେଶ୍ୱରୀ ସଂଗଠନ ଓ ଆଞ୍ଚଳିକ କଳା କେନ୍ଦ୍ରରେ ଦଶରଥ ସାହୁ, ପ୍ୟାକ୍ସରେ ସଭାପତି ସନସିତ ସାହୁ, ଡାକ୍ତରଖାନାରେ କ୍ଷୀରୋଦ୍ର ମିଶ୍ର, ଥାନାରେ ଆଇଆଇସି ଅନିତା କିଡୋ, ଇଲେକ୍ଟ୍ରି ଅଫିସରେ ଇଏସଓ କୁମୁଦ ବେହେରା, ବିବିଏସରେ ଲାଲବିହାରୀ ରଣା, ଏଫଆରସିସିରେ ସଭାପତି ଶୈଳେନ୍ଦ୍ର ସାହୁ, ଦେଉଳପଦର ପଞ୍ଚାୟତରେ ସରପଞ୍ଚ ସୁପ୍ରିୟା କମ୍ପ, ରାଣୀସର୍ଦାରେ ସରପଞ୍ଚ



ବାଳଗୋପାଳ କର୍ମୀ, ସରଗଜରେ ସରପଞ୍ଚ ନର୍ମଦା ମିଶ୍ର, ବଘିଆରେ ସରପଞ୍ଚ ଅଶ୍ୱିନୀ ବିଶି, ପୁଆରେ ସରପଞ୍ଚ ପ୍ରଭୁଦତ୍ତ ଡାଙ୍ଗ, ମେଣ୍ଡାରେ ସରପଞ୍ଚ ଲିଜାରାଣୀ ଦଣ୍ଡସେନା, କମସରା ଫାଣ୍ଡିରେ ଗଜାନନ ବେହେରା, ମେଣ୍ଡା ଫାଣ୍ଡିରେ ରବୀନ୍ଦ୍ର ସାହୁ, ତରଭା ହିନ୍ଦୁସ୍ଥାନ ପେଟ୍ରୋଲ ପମ୍ପରେ ସତୀଶ ସାହଭ ଜାତୀୟ ପତାକା ଉତ୍ତୋଳନ କରିଥିଲେଫ

**ହରଭଙ୍ଗା:** ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପାଧ୍ୟକ୍ଷ ସରୋଜ ପ୍ରଧାନ, ବିଡିଓ ସ୍ୱପ୍ନିତା ନାଏକଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

**ବିନିକା:** ବିନିକା ସିଦ୍ଧାର୍ଥ ଗରୁଡ଼ କ୍ୟାମ୍ପସରେ ଏନଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିନିକା ସାମ୍ବାଦିକ ସଂଘ ଓ ସ୍ପୋର୍ଟସ କ୍ଲବ ମିଳିତ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସରେ ସଂଘର ଉପଦେଷ୍ଟା ସୋମନାଥ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଧୀରେନ୍ଦ୍ର ନାୟକ, ଜୁନିୟର କଲେଜରେ ଅଧ୍ୟକ୍ଷା ରେଖା ପ୍ରଧାନ, ମହିଳା ଜୁନିୟର କଲେଜରେ ଅଧ୍ୟକ୍ଷ ପଞ୍ଚାନନ ସାହୁ, ବାଉଁଶୁଣି ଜଗନ୍ନାଥ କଲେଜରେ ଅଧ୍ୟକ୍ଷ ବନ ବିହାରୀ ମିଶ୍ର, ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ସୌମ୍ୟ ରଞ୍ଜନ କ୍ଷେତୀ, ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ସର୍ବେଶ୍ୱର ପୁରୋହିତ, ବିନିକା ଥାନାରେ ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ, ପୂର୍ଣ୍ଣବାସୀ ଯୁବକ ସଂଘରେ ସଭାପତି ସୀତାରାମ ଦାସ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ମନମୁଣ୍ଡା:** ମନମୁଣ୍ଡା ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ପଦ ଭୁକ୍ତା, ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ହୋତା, ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାଏକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପୁରୋହିତ ଓ ଏସବିଏସରେ ଅଧ୍ୟକ୍ଷା

ବୁଲବୁଲି ନାଏକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**କଣ୍ଟାମାଳ/ଶଗଡ଼ା:** କଣ୍ଟାମାଳ ହାଇସ୍କୁଲ ପଡ଼ିଆରେ ଆୟୋଜିତ ବ୍ଲକସ୍ତରୀୟ ସାଧାରଣ ତନ୍ତ୍ର ଦିବସରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ସେନାପତି, ବିଡିଓ ସାମି ଜୟଶ୍ରୀ ରେଡି, ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ଖଟୁଆ ପରିଚାଳନା କରିଥିଲେ। ସେହିପରି ଆମ୍ବଗାଁ ଖେଳପଡ଼ିଆରେ କଣ୍ଟାମାଳ ବିଧାୟକ ମହୀଧର ରଣା ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। କଣ୍ଟାମାଳ ବସଷ୍ଟାଣ୍ଡ କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ (କବ୍ସା) ଓ ଏବଂ ଆମେ ସାଂସ୍କୃତିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଜୟ କୁମାର ମହାରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏବଂ ଆମେ ସାଂସ୍କୃତିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଖଟୁଆ, ସମ୍ପାଦକ ରାଜକିଶୋର ବାଘଙ୍କ ସମେତ ଅନ୍ୟ ସଦସ୍ୟ ଓ ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପଲସକ୍ଷଗୋରାଠାରେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପଧାନ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଅନନ୍ତ ଖମାରୀ, ଜୟ କୁମାର ମହାରଣା, ଅବିନାଶ ସାହୁ, ଶିଶିର ଖଟୁଆ, ରଞ୍ଜନ ପାତ୍ର, ଦେବାଶିଷ ମଲିକ, ଗୋବର୍ଦ୍ଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଟାମାଳ ବଣିକ ସଂଘ କାର୍ଯ୍ୟାଳୟରେ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ସଭାପତି ବଜରଙ୍ଗ ଲାଲ ଅଗ୍ରୱାଲ, ପ୍ରଶାନ୍ତ ସାହୁଙ୍କୁ ସମେତ ସଙ୍ଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତହସିଲ ଅଫିସରେ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଫରେଷ୍ଟ ଅଫିସରେ ରେଞ୍ଜର କ୍ଷୀରାବ୍ଠଧ ପ୍ରଧାନ, ପୂର୍ତ୍ତ ବିଭାଗ କାର୍ଯାଳୟଠାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁଷ୍ମନ୍ତ ସାମଲ, କଣ୍ଟାମାଳ ଥାନାରେ ଥାନାଧିକାରୀ ଗୋପୀନାଥ ପ୍ରଧାନ, ଘଣ୍ଟାପଡ଼ା ଥାନାରେ ଥାନାଧିକାରୀ ବଳଭଦ୍ର ଗଣ୍ଡା, ବିଇଓ କାର୍ଯ୍ୟାଳୟରେ କଣ୍ଟାମାଳ ବିଇଓ ସନୋଜ ସେଠି, ଆଇସିଡ଼ିଏସରେ ଜ୍ୟୋସ୍ନାରାଣୀ ପାଢ଼ୀ, କଣ୍ଟାମାଳ କୋର୍ଟରେ କଣ୍ଟାମାଳ ସିଭିଲ ଜର୍ଜ (ଜୁନିଅର ଡିଭିଜନ) ସତ୍ୟନାରାୟଣ ଦାସ, ରୁଣ୍ଡିମହୁଲ ପଞ୍ଚାୟତ କାର୍ଯାଳୟଠାରେ ସରପଞ୍ଚ ପଞ୍ଚାନନ ସାହୁ, ରୁଣ୍ଡିମହୁଲ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଶିକ୍ଷକ ଜଗନ୍ନାଥ ମହାପାତ୍ର, ସହକାରୀ ଶିକ୍ଷକ ଆଲୋକ ସାହୁ ଦେଶବନ୍ଧୁ ବାରିକ, ଅକ୍ରୁର ପଧାନ ଉପସ୍ଥିତ ଥିଲେ। ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ସାମାଜିକ ସଂଗଠନ, ବ୍ୟାଙ୍କ, ଡାକଘର, ମେଡିକାଲରେ ଜାତୀୟ ପତାକା ଉତୋଳନ କରାଯାଇଥିଲା।

**ଡୁଙ୍ଗୁରିପାଲି:** ଡୁଙ୍ଗୁରିପାଲି ବ୍ଲକ ଅଫିସରେ ବିଡଓ ରୋହିତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିଇଓ ଗଣେଶ କିସାନ, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ସିଡିପିଓ ଜୟନ୍ତୀ ଗତତିଆ, ଉପାଧ୍ୟକ୍ଷ ମକରଧ୍ୱ ସାହୁଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପରେଡ ପରିଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୋସଲ ସାମ୍ବାଦିକ ସଂଘ ସଭାପତି ବିପ୍ରଚରଣ ସାହୁଙ୍କୁ ସମ୍ମାନତି କରାଯାଇଥିଲା। ସେହିପରି ପହଣ୍ଡି, ବୈଦୁପାଲି, ସମଲେଇଚୁଆ, ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ, ଶିଶୁମନ୍ଦିର, ଡାକ୍ତରଖାନାରେ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଛି।







## ବରିଷ୍ଠ ନାଗରିକ ସଙ୍ଗଠନ କର୍ମକର୍ତ୍ତା ନିର୍ବାଚନ

**ସୁବଳୟା, ୨୭ ।୧(ସମିସ):** ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟଠାରେ ସଙ୍ଗଠନର ବିଭିନ୍ନ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ପଦ ପାଇଁ ଡ. ପ୍ରଫୁଲ୍ଲ ରଥ, ଉପ ସଭାପତି ସୁଦାମ ସେଠୀ ଓ ସୌମିତ୍ରୀ ମେହର ନିର୍ବାଚିତ ହୋଇଛନ୍ତି । ସେହିପରି ସମ୍ପାଦକ ପଦ ପାଇଁ ସନ୍ତୋଷ ଷଡ଼ଙ୍ଗୀ, ସହ ସମ୍ପାଦକ ବଳରାମ କାଣ୍ଡ ଓ କୋଷାଧ୍ୟକ୍ଷ ଭାବେ ଦୟାନିଧି ହୋତା ନିର୍ବାଚିତ ହୋଇଛନ୍ତି । ଧନୁ ପ୍ରଧାନ, ପ୍ରଶାନ୍ତ ଶତପଥୀ, ଅକ୍ରୂର ଦନ୍ତା, ଦିଲ୍ଲୀପ ତ୍ରିପାଠୀ, ଦିଲ୍ଲୀପ ମିଶ୍ର, ସୁରୁ ସାହୁ, ଶ୍ୟାମସୁନ୍ଦର ସେଠୀ, ଶିବରମଣ ପଣ୍ଡା, ବାସୁଦେବ ପଣ୍ଡା, ପଦ୍ମିନୀ ମିଶ୍ର, ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ପାଇଁ ନିର୍ବାଚିତ ହୋଇଛନ୍ତି । ଉପଦେଷ୍ଟା ଭାବେ ପ୍ରସନ୍ନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ପାଢ଼ୀ, ଶ୍ରୀନିବାସ ଅଗ୍ରୱାଲ, ଗୋପୀନାଥ ମହାକୁର, ଧୃବଚରଣ ଦାଶ, ଗୋଲକ ବିହାରୀ ଦେହୁରୀ, ଭୂଷଣ ପାତ୍ର ଓ ଭଗବାନ ମିଶ୍ର ରହିଛନ୍ତି । ନିର୍ବାଚନ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ କୃଷ୍ଣଚନ୍ଦ୍ର ପାଢ଼ୀ ଶପଥ ପାଠ କରାଇଥିଲେ । ଶେଷରେ ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ତରଭା, ୨୭ ।୧(ସମିସ):** ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହେବା ସହ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ମୁସଲେମିନ ମହମ୍ମଦଙ୍କ ସଭାପତିତ୍ୱରେ ଚାରଭଟା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବାସନ୍ତୀ ଦେଇ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ମହନୀୟତା ଓ ଓଡିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରମିଳା ପଣ୍ଡା ଓଡ଼ିଆ ସାହିତ୍ୟର ଇତିହାସ ଓ ଜଗନ୍ନାଥ ସଂସ୍କୃତିର ଅୟମାରମ୍ଭ ବିଷୟରେ ଛାତ୍ରଛାତ୍ରୀଙ୍କୁ ସମ୍ୟକ ସୂଚନା ପ୍ରଦାନ କରିଥିଲେ ।

## ପାରାୟଣ ପାଇଁ କଳସ ଶୋଭାଯାତ୍ରା

**ସୁବଳୟା, ୨୭ ।୧(ସମିସ):** ବାଘମାରିରେ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳୁ ଚମ୍ପାମାଳ ନିକଟସ୍ଥ ପୋଖରୀରେ ଗଙ୍ଗାମାତାଙ୍କୁ ଆବାହନ କରି ପୂଜାର୍ଚ୍ଚନା କରାଯାଇଥିଲା । କଳସ ଶୋଭାଯାତ୍ରା ନଗର ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିବା ପରେ ସ୍ଥାପନ କରାଯାଇଥିଲା । ବୁଲୁ ଶତପଥୀ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ସଞ୍ଜିବ ସାହୁ ଓ ବବିତା ସାହୁ କର୍ତ୍ତା ଥିଲେ ।

## କୁସଙ୍ଗ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ହରଭଙ୍ଗା, ୨୭ ।୧(ସମିସ):** ହରଭଙ୍ଗା ବ୍ଲକ କୁସଙ୍ଗ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପଞ୍ଚାୟତସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ବାବା ଚନ୍ଦ୍ରଶେଖର ଶୈବ ପୀଠରୁ ମଶାଲ ଶୋଭାଯାତ୍ରା ଆସିଥିଲା । ସତ୍ୟନାରାୟଣ ମିଶ୍ର, ସରପଞ୍ଚ ଜିତେନ୍ଦ୍ର ବେହେରା, ସମିତି ସଭ୍ୟ କାହ୍ନୁଚରଣ ନାଥ, କୁଶଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



**ବୌଦ୍ଧ, ୨୭ ।୧(ସମିସ):** ସ୍ଥାନୀୟ ବନ୍ୟା ଆଶ୍ରୟସ୍ଥଳଠାରେ ଉଠା ଜଳସେଚନ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ଅମାତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ । ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ସେଲାଇ ନାଏକ ଅଧ୍ୟକ୍ଷତା କରିଥିଲେ ।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ମନମୁଣ୍ଡା, ୨୭ ।୧(ସମିସ):** ମନମୁଣ୍ଡା ଥାନା ଅଧୀନ କପାସିରା ଛକ ନିକଟରେ ଶନିବାର ଅପରାହ୍ନ ୪ଟାରେ ଗୋଟିଏ ବାଇକକୁ ଏକ କାର ଧକ୍କା ଦେଇଛି । ଏଥିରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତ ବାଇକ ଚାଳକ ଜଣକ ହେଲେ ବାରଡୋଲ ଗ୍ରାମର ମହଲାଲ ସାହୁ । ତାଙ୍କୁ ପ୍ରଥମେ ସୋନପୁର ଡାକ୍ତରଖାନା ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ସେ ମନମୁଣ୍ଡାରୁ ଘରକୁ ଫେରୁଥିଲାବେଳେ କପାସିରା ଛକ ନିକଟରେ ସାମ୍ନାରୁ ଦ୍ରୁତଗତିରେ ଆସୁଥିବା କାର୍ ତାଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ମନମୁଣ୍ଡା ପୁଲିସ ଘଟଣାର ତଦନ୍ତ କରୁଛି ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**ତରଭା, ୨୭ ।୧(ସମିସ):** ତରଭା ବ୍ଲକ ମେଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀନ୍ଦ୍ର ପଡ଼ିଆ(୮୦) ଆଉ ନାହାନ୍ତି । ଶୁକ୍ରବାର ତାଙ୍କର ମେଣ୍ଡା ପଡ଼ିଆପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ଥିଲେ । ସେ ୧୯୮୪-୮୯, ୧୯୯୭-୨୦୦୨ ଓ ୨୦୦୨-୨୦୦୭ ପର୍ଯ୍ୟନ୍ତ ୩ ଥର ମେଣ୍ଡା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚନ ଜିଣି ପଞ୍ଚାୟତର ଅନେକଗୁଡିଏ ଉନ୍ନୟନମୂଳକ କାମ କରାଇଥିଲେ । ମେଣ୍ଡା ନିକଟସ୍ଥ ସୁକତେଲନଦୀର ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁଅ ପ୍ରସନ୍ନ ପଡ଼ିଆ ମୁଖାଗ୍ନି ଦେଇଥିଲେ ।

**୧୪ତମ ଜାତୀୟ ମତଦାତା ଦିବସ**

# ନିର୍ଭିକ ମତଦାନ ଲାଗି ଶପଥ



ବୌଦ୍ଧ



ବିନିକା

**ବୌଦ୍ଧ, ୨୭ ।୧(ସମିସ)**

ବୌଦ୍ଧ ଜିଲ୍ଲାରେ ୧୪ତମ ଜାତୀୟ ମତଦାତା ଦିବସ ୨୦୨୪ ପାଳିତ ହେଇଛି । ଏହି ଉପଲକ୍ଷେ ବୌଦ୍ଧ ସହରର ମ୍ୟୁଜିୟମ ଛକ ନିକଟରୁ ଏକ ସଚେତନ ଶୋଭାଯାତ୍ରା ଆରମ୍ଭ ହୋଇ ଟାଉନ୍ ହଲରେ ପହଞ୍ଚି ଥିଲା । ଏହି ଶୋଭାଯାତ୍ରାରେ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଶିକ୍ଷକ, ଜନସାଧାରଣ ତଥା ସରକାରୀ କର୍ମଚାରୀ ଯୋଗ ଦେଇଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନୃସିଂହ ଚରଣ ସ୍ୱାଇଁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ଟାଉନ ହଲ୍‌ରେ ପହଞ୍ଚିବା ପରେ ଜାତୀୟ ମତଦାତା ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ ମତଦାତାଙ୍କ ସଂକଳ୍ପ ପାଠ କରାଯାଇଥିଲା । ଏହି ଅବସରରେ ନୂତନ ଯୁବ ଭୋଟରମାନଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତି ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ନିର୍ବାଚନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ବୁଥ ସ୍ତରୀୟ ଅଧିକାରୀ, ସୁପରଭାଇଜର ଏବଂ ଶ୍ରେଷ୍ଠ ସହାୟକ ଭୋଟର ପଞ୍ଜିକରଣ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାରିଆନୋସ ମିଞ୍ଜ, ଉପ ଜିଲ୍ଲାପାଳ ରବୀନ୍ଦ୍ର ନାଥ କଅଁର ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟି କଲେକ୍ଟର ନିର୍ବାଚନ ଶାଶ୍ୱତ ପ୍ରଧାନ ପରିଚାଳନା କରିଥିଲେ ।

**ସୋନପୁର:** ସୁବର୍ଣ୍ଣପୁର ନୂତନ ଟାଉନ ହଲ୍‌ରେ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଉପସ୍ଥିତ ସମସ୍ତ ମତଦାତାଙ୍କୁ ସଂକଳ୍ପ ପାଠ କରାଇ ନୂତନ ଯୁବ ଭୋଟରମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ସ୍ତରରେ ହୋଇଥିବା ରଚନା, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଭୋଟର ସଚେତନତା ଓ ଭୋଟର ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ତରଭା ବିଡିଓ ଅନିଲ କୁଲୁ ଏବଂ ବିନିକା ବିଡିଓ ପ୍ରମୋଦ ମେହେରଙ୍କୁ ସମ୍ମାନିତ କରାଯାଇଥିଲା । ନିର୍ବାଚନ ଅଧିକାରୀ ଯଶସ୍ୱିନୀ ପୃଥାଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଜୟଦ୍ରଥ ଜଗଦଲା, ପଦ୍ମଲୋଚନ ଧରୁଆ ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ ।

**ସୁବଳୟା:** ବୀରମହାରାଜପୁର ସଦରସ୍ଥିତ ଅର୍ଣ୍ଣପୂର୍ଣ୍ଣା ରେସିଡେନ୍ସିଠାରେ ଭିଡିଓ କନଫରେନ୍ସିଂ ଜରିଆରେ ନମୋ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ନୂତନ ଭୋଟର ଉପସ୍ଥିତ ଥିଲେ । ଭୀଷ୍ମଦେବ ଦନ୍ତା, ଏକଲବ୍ୟ ବେହେରା ଏବଂ ପଦାର୍ଥ ଜଗଦଲାଙ୍କ ତତ୍ତ୍ୱାବଧାନରେ ରଘୁନାଥ ଜଗଦଲା, ଉଷା କୁମାରୀ, ସତ୍ୟବ୍ରତ ମିଶ୍ର, ଅଶୋକ ସାହୁ, ପ୍ରଭାତ ପଣ୍ଡା, ଗୌତମ ପଣ୍ଡା, ରଶ୍ମିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

**ବିନିକା:** ବିନିକା ସହର ଓ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନରେ ଜାତୀୟ ମତଦାନ ଦିବସ ପାଳିତ ହୋଇଛି । ପ୍ରଲୋଭନ କିମ୍ବା କୌଣସି ଚାପରେ ନ ପଡ଼ି ନିର୍ଭିକତାର ସହ ମତଦାନ କରିବାକୁ ଯୁବକ ଯୁବତୀଙ୍କୁ ଦିଗଦର୍ଶନ ଦିଆଯାଇଥିଲା । ଏହି ପରିପ୍ରେକ୍ଷିରେ ବିନିକା ସିଦ୍ଧାର୍ଥ ଡ଼ିଗ୍ରୀ କଲେଜରେ ଅଧ୍ୟକ୍ଷ ଧୀରେନ୍ଦ୍ର ନାୟକ, ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ରେଖା ପ୍ରଧାନ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ପଞ୍ଚାନନ ସାହୁ, ବିନିକା ସ୍ପୋର୍ଟସ କ୍ଲବଠାରେ ସଭାପତି ସୋମନାଥ ମିଶ୍ର, ପୂର୍ବତନ ସମିତି ସଭ୍ୟ ଦାଶରଥି ନନ୍ଦ ପ୍ରମୁଖ ଭିନ୍ନ ଭିନ୍ନ ସ୍ଥାନରେ ଉପସ୍ଥିତ ରହି ଠିକ୍ ଓ ନିର୍ଭିକ ଭାବେ ନିଜର ମତଦାନ ସାବ୍ୟସ୍ତ କରିବାକୁ ପରାମର୍ଶ ଦେଇଥିଲେ ।

## ଯୁବ କଳାକାରଙ୍କୁ ପଥରରେ ଛେଚି ହତ୍ୟା

**ସୁବଳୟା, ୨୭ ।୧(ସମିସ):** ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅଧୀନ ଚନ୍ଦଳି ଗାଁ ନିକଟସ୍ଥ ଦଳେଇଝୁଲି ନିକଟରୁ ଜଣେ ଯୁବ କଳାକାରଙ୍କ ମୃତଦେହ ଉଦ୍ଧାର ହୋଇଛି । ଯୁବକ ଜଣଙ୍କ ହେଲେ ସୁବଳୟାସ୍ଥିତ ଧିବରପଡ଼ା ନିବାସୀ ସୁରେଶ ଅଧିକାରୀଙ୍କ ପୁତ୍ର ଡମ୍ବରୁଧର ଅଧିକାରୀ (୨୭) । ତାଙ୍କୁ ପଥରରେ ଛେଚି ନୃଶଂସ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଗୁରୁବାର ବିଳମ୍ବିତ ରାତିରେ ତାଙ୍କୁ ପ୍ରଥମେ ମଦ ପିଇବାକୁ ଦେଇ ଯୋଜନାବଦ୍ଧ ଭାବେ ହତ୍ୟା କରିବା ପରେ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି । ଏହି ଖବର ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଶୁକ୍ରବାର ସକାଳୁ ମୃତଦେହ ଉଦ୍ଧାର ହେବା ପରେ ସନ୍ଧାନୀ କୁକୁର ସହାୟତାରେ ସାଇଣ୍ଟିଫିକ୍ ଟିମ୍ ଛାନ୍‌ଭିନ୍ କରିଥିଲା ।



ଫାଇଲ୍ ଫଟୋ

ସେ ପୁରୁଣା ଥାନା ପାଖରେ ଏକ ପାନ ଦୋକାନ କରିଥିଲେ । ଗୁରୁବାର ରାତି ୮ଟା ପରେ ସେ ଦୋକାନ ବନ୍ଦ କରିଥିଲେ; କିନ୍ତୁ ଏହାପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ । ଫଳରେ ପରିବାର ଲୋକଙ୍କ ଚିନ୍ତା ବଢ଼ି ଯାଇଥିଲା । ପରିବାର ଲୋକ ଖୋଜାଖୋଜି କରିଥିଲେ ବି ପାଇ ନ ଥିଲେ । ଶୁକ୍ରବାର ସକାଳେ ସୁବଳୟାଠାରୁ ୨ କିମି ଦୂର ଚନ୍ଦଳି-ସାଲେପୁର ମଝିରେ ରୁଗୁଡ଼ିବନ୍ଧ ଦଳେଇଝୁଲି ପାଖ ଖାଲୁଆ ଜାଗାରେ ଏକ ମୃତଦେହ ପଡ଼ିଥିବା କିଛି ଲୋକ ଦେଖି ପୁଲିସ୍‌କୁ ଖବର ଦେଇଥିଲେ । ମୃତଦେହକୁ ଘୋଷାଡ଼ି ଘୋଷାଡ଼ି କିଛି ଦୂରରେ ଥିବା ଏକ ଖାଲୁଆ ସ୍ଥାନରେ ପକାଇ ଦିଆଯାଇଥିଲା । ଏପରିକି ହତ୍ୟାକାରୀମାନେ ଡମ୍ବରୁଙ୍କ ମୋବାଇଲ୍ ଭାଙ୍ଗି ଦେଇ କିଛି ଦୂରରେ ଫିଙ୍ଗି ଦେଇଥିଲେ । ଡମ୍ବରୁଧରଙ୍କ ବାପାଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରିଛି । ସବ୍ ଇନ୍ସପେକ୍ଟର ପିୟୁଷ ରାଜ ନାଏକଙ୍କ ନେତୃତ୍ୱରେ ପୁଲିସ୍ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛନ୍ତି । ବ୍ୟବଚ୍ଛେଦ ପରେ ପୁଲସି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି । ଅନ୍ୟପଟରେ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଶିଘ୍ର ଗିରଫ ନ କଲେ ଥାନା ଘେରଉ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ତଦନ୍ତ ଚାଲିଛି ଖୁବ ଶୀଘ୍ର ହତ୍ୟା ଘଟଣାର ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି ।

**ଜିଲ୍ଲା ପୁଲିସ୍‌ରେ ବଦଳି ଚର୍ଚ୍ଚା**

## ୨୪ରେ ବଦଳି; ୨୫ରେ ବାତିଲ

**ସୋନପୁର, ୨୭ ।୧(ସମିସ):** ବିଭିନ୍ନ ଘଟଣାକୁ ନେଇ ଦିନକୁ ଦିନ ସୁବର୍ଣ୍ଣପୁର ପୁଲିସ୍‌ର ଛବି ଆହୁରି ମଳିନ ହେଉଛି । ତେବେ ଏହାରି ମଧ୍ୟରେ ଏକ ବଦଳି ନିର୍ଦ୍ଦେଶକୁ ନେଇ ହାଟବାଟ ଚାରିଆଡେ ଚର୍ଚ୍ଚା ଚାଲିଛି । ଗତ ୨୪ ତାରିଖରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ ପଣ୍ଡାଙ୍କ ପୁଲିସ୍ ମୁଖ୍ୟାଳୟକୁ ବଦଳି ହୋଇଥିଲା । ତେବେ ସେହି ସମାନ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲା ପୁଲିସ୍‌ରେ ଏକ ବଡ ଧରଣର ଅଦଳ ବଦଳ ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଜିଲ୍ଲାର ୪ ଜଣ ପୁଲିସ୍ ଏସ୍‌ଆଇ ଏବଂ ୪୫ ଜଣ କନଷ୍ଟେବଲଙ୍କ ବଦଳି ହୋଇଥିଲା । ଏହି ବଦଳି ନିର୍ଦ୍ଦେଶକୁ ୨୪ ଘଣ୍ଟା ନ ପୂରୁଣୁ ପୁଣି ନିର୍ଦ୍ଦେଶନାମାକୁ ବାତିଲ କରାଗଲା । ଏସ୍‌ପି କାହିଁକି ନିଜ ବଦଳି ସମୟରେ ଜିଲ୍ଲାର ୪୯ ଜଣ ପୁଲିସ୍ କର୍ମଚାରୀଙ୍କୁ ବଦଳି କଲେ ଏବଂ ପୁଣି ବାତିଲ କଲେ ବୋଲି ଜିଲ୍ଲାର ଚାରିଆଡେ ଚର୍ଚ୍ଚା ଚାଲିଲା । ଏସ୍‌ପି ଅମରେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଲ୍ଲା ପୁଲିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ବିଭିନ୍ନ ଥାନାରେ କାର୍ଯ୍ୟରତ ୪ ଜଣ ଏସ୍‌ଆଇଙ୍କ ବଦଳି ହୋଇଥିଲା । ସୋନପୁର ଥାନାର ଶମ୍ଭୁଭୂଷଣ ଦେହୁରୀ, ବିଏମ୍‌ପୁର ଥାନାର ଦୀପ୍ତିରଞ୍ଜନ ଦିଗାଲ, ରାମପୁର ଥାନାର ଅବିନାଶ ପ୍ରଧାନ ଏବଂ ସୋନପୁର ଥାନାର ପ୍ରଦୀପ ପାଣିଙ୍କ ବଦଳି ହୋଇଥିଲା । ବୋର୍ଡ ସଦସ୍ୟ ଏଏସ୍‌ପି ବୀରେନ୍ଦ୍ର ନାୟକ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ଖାଲି ସ୍ଥାନ, ପ୍ରଶାସନିକ ସୁବିଧା ଏବଂ ଜସନେବା ପ୍ରତି ଆଗ୍ରହକୁ ଦେଖି ଏସ୍‌ଆଇମାନଙ୍କ ବଦଳି କରାଯାଇଛି ବୋଲି ବୈଠକରେ ଦର୍ଶାଯାଇ ଥିବା ବେଳେ ଗୋଟିଏ ଦିନ ପରେ କାହିଁକି ବଦଳି ବାତିଲ କରାଗଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ବେଆଇନ୍ ଭାବେ ଏହି ବଦଳି ଦର୍ଶାଇ କ୍ଷେତ୍ରୀୟ ପୁଲିସ୍ ମୁଖ୍ୟାଳୟରେ ଏନେଇ କେତେକ କନଷ୍ଟେବଳ ଅଭିଯୋଗ କରିଥିଲେ ବୋଲି ଶୁଣିବାକୁ ମିଳୁଛି । ତେବେ ଯାହା ବି ହେଉ ଏସ୍‌ପିଙ୍କ ବଦଳି ଦିନ ଜିଲ୍ଲା ପୁଲିସ୍‌ରେ କିଭଳି ଏଡେ ବଡ ଧରଣର ଅଦଳ ବଦଳ ନିଷ୍ପତ୍ତି ହୋଇ ପାରିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ବାଉଁଶ ହସ୍ତଶିଳ୍ପ ତାଲିମ ଓ ଉତ୍ପାଦନ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ

**ମନମୁଣ୍ଡା/ଶଗଡ଼ା, ୨୭ ।୧(ସମିସ):** ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ ତଥା ସେକ୍ସନ ଅଧୀନ ଖଟଖଟିଆ ପଞ୍ଚାୟତ ସିନ୍ଦୁରପୁର ବନ ସୁରକ୍ଷା ସମିତିରେ ବାଉଁଶ ହସ୍ତଶିଳ୍ପ ତାଲିମ ଓ ଉତ୍ପାଦନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ମନ୍ତ୍ରୀ ପ୍ରଦୀପ ଅମାତ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।



ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ ମହିଧର ରଣା, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ ଜିଲ୍ଲା ପରିଷଦ ଉପସଭାପତି ଶଙ୍କର୍ଷଣ ପ୍ରଧାନ, ଖଟଖଟିଆ ସରପଞ୍ଚ ଅରବିନ୍ଦ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ । ସିନ୍ଦୂରପୁର ବନ ସୁରକ୍ଷା ସମିତି ସଭାପତି ଆଦିତ୍ୟ ରାଜହଂସ, ଉପ ସଭାପତି ଯଜ୍ଞସେନି ଛତ୍ରିଆ, ଗୋବିନ୍ଦ ଦେହୁରୀ, ଚକ୍ରଧର ରାଜହଂସ, ଯଶୋଦା ପ୍ରଧାନ, ସବିତା ମିଶ୍ର, କବିତା ଖଟୁଆ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଏସିଏଫ୍ ମିନାକ୍ଷୀ କୁମୁରା, ମଣମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ବନପାଳ ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ସହାୟତା ରାଶି ପ୍ରଦାନ ଦାବିରେ ଧାରଣା



**ସୋନପୁର, ୨୭ ।୧(ସମିସ):** ସୋନପୁର ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତି ନିର୍ଦ୍ଦେଶକ ଗୋବିନ୍ଦ ମହାରଣାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଧାରଣା ଆରମ୍ଭ ହୋଇଛି । ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ବିଗତ ଦିନରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ଶ୍ରମିକ କଲ୍ୟାଣ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା । ଯୋଗ୍ୟ ହିତାଧୀକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି । ସୋନପୁର ବ୍ଲକର ହିତାଧିକାରୀଙ୍କୁ କିନ୍ତୁ ସହାୟତା ବଣ୍ଟନ କରାଯାଇ ନାହିଁ । ଏହାସହ ଅନ୍ୟ ବ୍ଲକରେ ମଧ୍ୟ ବହୁ ସଂଖ୍ୟାରେ ହିତାଧିକାରୀ ସହାୟତା ରାଶି ପାଇବାରୁ ବଞ୍ଚିତ ଅଛନ୍ତି । ଏ ସମସ୍ୟାର ସମାଧାନ ଦାବି କରି ଏହାର ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତି ସମସ୍ତ ସଦସ୍ୟ ସହ ଶତାଧିକ ଶ୍ରମିକ ହିତାଧିକାରୀ ଯୋଗଦେଇ ଧାରଣାରେ ବସିଛନ୍ତି । ଏହି ଧାରଣାରେ ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଘର କୁଶ ମହାକୁର, କର୍ଣ୍ଣରାଜ ପଧାନ, ସୂର୍ଯ୍ୟକାନ୍ତ ରାଉଲ, ମୁରଲୀଧର ସାହୁ, ରମେଶଚନ୍ଦ୍ର ନନ୍ଦ, ଛବିଲ ବାଘ, ରାଧାମୋହନ ପଧାନ, ସୀତା ମହାକୁର, ମନୋରଞ୍ଜନ ପାଣ୍ଡେ, ଅର୍ଜୁନ ବାଦି, ବିଶେଶ୍ୱର ଷାଣ୍ଢ, ସୁଶାନ୍ତ ପଣ୍ଡା, ବ୍ରହ୍ମାନନ୍ଦ ପୂଜାହାରୀ ପ୍ରମୁଖ ଯୋଗ ଦେଇଛନ୍ତି ।

# ୧୧୦ ୟୁନିଟ୍ ରକ୍ତ ସଂଗ୍ରହ

**ସୁବଳୟା, ୨୭ ।୧(ସମିସ)**

ବୀରମହାରାଜପୁର ସଦରସ୍ଥିତ ମୈତ୍ରୀ ସଦନରେ ସୁଧାଂଶୁ କର୍ଣ୍ଣଙ୍କ ଜନ୍ମ ଦିନ ଅବସରରେ ମାହେଶ୍ୱରୀ ସେନା ଓ ଧନୁଯାତ୍ରା କମିଟିର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ବାଗବର ସରପଞ୍ଚ ନିରୂପମା ବଗର୍ତ୍ତି, ଧନୁଯାତ୍ରା କମିଟିର ସଭାପତି କିଶୋର ହୋତା, କୋଶଳ ସଭାପତି ପ୍ରମୋଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ପ୍ରିୟବ୍ରତ ସାହୁ ଓ ଭୂଷଣ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଡୁମାଳ ପରିଷଦ ସଭାପତି ଅଶ୍ୱିନୀ ମହାକୁର, ଆଲୋକ ଦେହୁରୀ, ଭଗବାନ କର୍ଣ୍ଣ, ସମୀର ମହାକୁର, ଜିତେନ୍ଦ୍ର ମେଣ୍ଡିଲୀ, ପ୍ରଦୀପ ପଧାନ, ସୁଧାଂଶୁ ମେଣ୍ଡିଲୀ, ମଣ୍ଟୁ କଲତା, ବିକାଶ ରଞ୍ଜନ ମହାକୁର, ସୁବ୍ରତ ପାତ୍ର, ବିକାଶ ଅମାତ, ସୁବ୍ରତ କର୍ଣ୍ଣ, ଅଜିତ କର୍ମୀ ଓ କାହ୍ନୁ ମହାକୁର ପ୍ରମୁଖ ସହଯୋଗ କରିଥିଲେ ।



**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁରରେ ଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିସରରେ ଏଲଆଣ୍ଡଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସମୁଦାୟ ୫୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏଥିରେ ଅତିଥି ଭାବେ କମ୍ପାନୀର ସୁରକ୍ଷା ଅଧିକାରୀ ଅଶ୍ୱିନୀ ମଲ୍ଲିକ, ରଜନୀକାନ୍ତ ଜେନା, ପାଇପ ଲାଇନ ଅଧିକାରୀ ଆର ରଘୁପତୀ, ପ୍ରାଥମିକ ଚିକିତ୍ସକ ଜିତେନ୍ଦ୍ର ହୋତା, ଆକାଉଣ୍ଟାଣ୍ଟ ପ୍ରଣବ ବସକ, ଅଜୟ ପରିଡ଼ା, ଦେବାଶିଷ ସାହୁ, ସୌମେନ୍ଦ୍ର ବଡ଼ମାଳି, ପ୍ରଦ୍ୟୁମ୍ନ ବଡ଼ମାଳି ଯୋଗ ଦେଇଥିଲେ । ରକ୍ତ ଭଣ୍ଡାରର ଡ. ବନୋଜ ସାହୁ, ଜହ୍ନାପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼. ଦିବ୍ୟ ମେହେର, ଟେକ୍ନିସିଆନ ଯଦୁ ଶବର, ସୁରଜ ଭୋକ୍ତା, ଦିଲୀପ ଭୋଇ ସହଯୋଗ କରିଥିଲେ ।



# ଜାତୀୟ ଶିଶୁ କନ୍ୟା ଦିବସ

**ବୌଦ୍ଧ, ୨୭ ।୧(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ବୌଦ୍ଧ ମିଳିତ ଅନୁକୂଲ୍ୟରେ ଜିଲ୍ଲା ସଂଗ୍ରାହଳୟରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଛି । ଏଥିରେ ବୌଦ୍ଧ ଜିଲ୍ଲାର ୧୦ଟି ବିଦ୍ୟାଳୟରୁ ୧୦୦ ଜଣ ଛାତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଲୋଗାନ ଲେଖା ପ୍ରତିଯୋଗିତା କରାଯାଇଥିଲା । ଚିତ୍ରାଙ୍କନ ପ୍ରତଯୋଗିତାରେ ସ୍ୱେତା ଇପ୍ସିତା ସ୍ୱାଇଁ ପ୍ରଥମ, ଅର୍ଚ୍ଚନା ପ୍ରଧାନ ୨ୟ, ପ୍ରଥା ପ୍ରନିତା ବଗର୍ତ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସ୍ଲୋଗାନ ଲେଖାରେ ସାଇଶ୍ରୀ ରଣା ପ୍ରଥମ, ଚନ୍ଦ୍ର ପୂଜିତା ମିଶ୍ର ଦ୍ୱିତୀୟ, ରାକ୍ଷୀ କହଁର ତୃତୀୟ ସ୍ଥାନ ଅଧିକାର କରିଥିଲେ । ମକ୍ ପାର୍ଲିଆମେଣ୍ଟରେ ସ୍ୱାଗତିକା ପ୍ରଧାନ, ସୁରୁଚି ନାୟକ, ଅଶ୍ୱନି ବିଶ୍ୱାଳ, ତୁଳସୀ ବେହେରା ଓ ରବୀନ୍ଦ୍ର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ଉଦଘାଟନୀ ସଭାରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ୍ୟ ଦାମୋଦର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ, ରାଜଲକ୍ଷ୍ମୀ ପଣ୍ଡା, ସରସରା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ପଦ୍ମଜା ପତି ଓ ଶିବ ଶଙ୍କର ଶତପଥୀ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ, ଅତିରିକ୍ତ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ରାଧାକାନ୍ତ ବାଘ, ଶିଶୁ ମଙ୍ଗଳ ସମିତି ସଦସ୍ୟ ରାଜୀବ ନାୟକ, ପୁଷ୍ପିତା ପ୍ରଧାନ, ପ୍ରିୟଦର୍ଶିନୀ ପୁରୋହିତ, ପ୍ରମୋଦ ସାହୁ ଯୋଗ ଦେଇଥିଲେ । ଶିଶୁ ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚିତ୍ରସେନ ସାହୁ, ସହଦେବ ନାୟକ, ରାଜେନ୍ଦ୍ର ମଲ୍ଲିକ, ସମର ସେନ ସିଂ, ସତ୍ୟନାରାୟଣ ନାୟକ ଓ ରଞ୍ଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

**ହରଭଙ୍ଗା:** ହରଭଙ୍ଗା ବ୍ଲକ ଚାରିଛକ ହାଇସ୍କୁଲରେ ଜାତୀୟ ବାଳିକା ଦିବସ ପାଳିତ ହୋଇଛି । ହରଭଙ୍ଗା ବିଇଓ ଅଜୟ ଲୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶ୍ରୀବନ୍ତ ମେହେର, ସମ୍ମାନିତ ଅତିଥି ଭାବେ ଏବିଇଓ ଯୋଷ୍ଣାମୟୀ ମହାପାତ୍ର, ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୁଣନିଧି ସାହୁ, ଏମ.ଇ ସ୍କୁଲ ପ୍ରଧାନଶିକ୍ଷକ ନିର୍ମଳ ରଣା, ସିଆରସିସି ହରମୋହନ ଦନାୟକ ଏବଂ ମୁଖ୍ୟବକ୍ତା ଭାବେ ଏବିଇଓ ଅଖିଳ ମୋହନ ପ୍ରଧାନ ଯୋଗଦେଇ ଜାତୀୟ ବାଳିକା ଦିବସ ପାଳନର ମହତ୍ତ୍ୱ ଏବଂ ଉଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ ଏବଂ କୌତୁକ ପୋଷାକ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା । ବିଚାରକ ଭାବେ ଶିକ୍ଷକ ସୁଧାଂଶୁ ବେହେରା, ଜିତେନ୍ଦ୍ରନାଥ ଦାସ, ମନମୋହନ ସାହୁ, ଲିଙ୍ଗରାଜ କହଁର, ଶିକ୍ଷୟିତ୍ରୀ ରୌମ୍ୟରେଖା ବେହେରା ଏବଂ ରୂପଶ୍ରୀ ମିଶ୍ର ଦାୟିତ୍ୱ ତୁଲାଇଥିଲେ । ମୋନାଲିନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



କଣ୍ଟାବାଞ୍ଜି ଜିଆର ପେଲେସ୍‌ଠାରେ ନିର୍ବାଚନମଣ୍ଡଳୀସ୍ତରୀୟ ସମାବେଶରେ ବିଜୁ ଜନତା ଦଳର ସକ୍ରିୟ କର୍ମୀଙ୍କ ଉତ୍ସାହ।

# କଣ୍ଟାବାଞ୍ଜି ବିଜେଡିର ଶଙ୍ଖ ଜନସମ୍ପର୍କ ଯାତ୍ରା

**ବଲାଙ୍ଗିର,୨୭।୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଜୁ ଜନତା ଦଳ ପକ୍ଷରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ଶଙ୍ଖ ଜନସମ୍ପର୍କ ଯାତ୍ରା ଶନିବାର ମୁରିବାହାଲ ବ୍ଲକ ଅନ୍ତର୍ଗତ ଚଳକି ଓ ଇଛାପଡି ପଞ୍ଚାୟତରେ ପହଞ୍ଚିଛି। ଆଗାମୀ ନିର୍ବାଚନରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କ ସପକ୍ଷରେ କହିବା ସହ ରାଜ୍ୟ ସରକାରଙ୍କ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କ ଅବଗତ କରାଯାଇଥିଲା। ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ଗୋପା ମହାନନ୍ଦ, ବଲାଙ୍ଗିର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷା ସୁନ୍ଦରମତୀ ବାଗ, ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ବରିଷ୍ଠ ବିଜେଡି ନେତା ଉଦ୍ଧବ ଚରଣ ବେହେରା, ଉମାକାନ୍ତ ସାହୁ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ ଖାଁ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ଦୈତାରି ଭୋଇ, ଯୁବ ବିଜେଡି ନେତା ବିଟୁ ସାଗା ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।



# ମେଷ ପ୍ରଜନନ କେନ୍ଦ୍ରକୁ ବିଭାଗୀୟ ମନ୍ତ୍ରୀଙ୍କ ପରିଦର୍ଶନ

## କୃଷି ବିଶ୍ୱବିଦ୍ୟାଳୟ ଦାବିକଲେ ଅଞ୍ଚଳବାସୀ

ଦେଓଗାଁ, ୨୭।୧(ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଙ୍ଗଳାଛକ ନିକଟସ୍ଥ ମେଷ ପ୍ରଜନନ କେନ୍ଦ୍ରକୁ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତ କରଣ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପରିଦର୍ଶନ କରିଛନ୍ତି। ଦୀର୍ଘ ଦିନରୁ ଅବହେଳିତ ହୋଇପଡ଼ିରହିଥିବା ମେଷ ପ୍ରଜନନ କେନ୍ଦ୍ରକୁ ବୁଲି ଦେଖିଥିଲେ। ଏହାର ବିକାଶ ଦିଗରେ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ମେଷ ପ୍ରଜନନ କେନ୍ଦ୍ରରେ ୧୩୮ ଏକର ସରକାରୀ ଜମି ରହିଥିବା ସ୍ଥଳେ ନିକଟରେ ଉଡାଜାହାଜ ପଡ଼ିଆ, ରେଳଷ୍ଟେସନ, ଜାତୀୟ ରାଜପଥ ରହିଛି। ଏହିସ୍ଥାନରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେଲେ ବଲାଙ୍ଗିର ତଥା ଆଖପାଖ ଜିଲ୍ଲାର ଛାତ୍ରଛାତ୍ରୀ ବିଶେଷ ଉପକୃତ ହୋଇପାରନ୍ତେ ବୋଲି ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ଦର୍ଶାଇଥିଲେ ଯେ ଏହି ମେଷ ପ୍ରଜନନ କେନ୍ଦ୍ରରେ ଏକଦା ଓଡ଼ିଶାର ଉତ୍କୃଷ୍ଟ ମାନର ମେଷ ପାଳନ ସହ ମେଷଙ୍କ ଲୋମ ବିଦେଶକୁ ରପ୍ତାନୀ ହେଉଥିଲା। ଏଠାରେ ଶତାଧିକ କର୍ମଚାରୀ ନିଯୁକ୍ତି ହୋଇଥିଲେ। ବର୍ତ୍ତମାନ ଏହା ଅବହେଳିତ ହୋଇ ପଡ଼ିରହିଛି। ଗସ୍ତ ଅବସରରେ ବିଜେଡି ବ୍ଲକ ସଭାପତି ସୁଶୀଳ ଚାନ୍ଦ, ସ୍ଥାନୀୟ ସରପଞ୍ଚ କେଲୋ ଡାଙ୍ଗ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଯୁବନେତା ବୁଦ୍ଧଦେବ ପରୁଆ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# କ୍ଷେତ୍ର ପରିଦର୍ଶନ ଓ ପିଲାଙ୍କ ମୁହଁରେ ହସ କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୨୭।୧(ସମିସ):** ତୁରେକେଲା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ଅଶିଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ, ଅଭିଭାବକ, ପିତାମାତା ଓ ସଂଯୋଜକମାନଙ୍କୁ ନେଇ ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ତିଖାଲି ଡ୍ୟାମ କ୍ଷେତ୍ର ପରିଦର୍ଶନ ଅନୁଷ୍ଠିତ ହୋଇଯାଇଛି। ନିର୍ଝରିଣୀ, କଣ୍ଟାବାଞ୍ଜି ତରଫରୁ ନିଆରା ସମ୍ପର୍କ ପିଲାଙ୍କ ମୁହଁରେ ହସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ଝରିଣୀର ସମ୍ପାଦକ ବିରଂଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ସୂର୍ଯ୍ୟକାନ୍ତ ରଣାଙ୍କ ସଭାପତିତ୍ୱରେ ବିଆରସିସି ଫକୀର ଚରଣ ବିଶି, ସିଆରସିସି ରାମକୃଷ୍ଣ ସେଲମା, ପ୍ରେମରାଜ ପାଣିଗ୍ରାହୀ, ଧନସିଂ ମାଝୀ, ଗୁରୁପ୍ରସାଦ ଛତ୍ରିଆ, ମୋହନ ବରିହା, ଅନୁପ ଦାସ, ଗଜେନ୍ଦ୍ର ଦାଶ, ଅମରେନ୍ଦ୍ର ବାଗ, ବିଆରପି ସୁନୀଲ ସାହୁ, ଜ୍ୟୋତିବିକାଶ ବାରିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ରୋହିତ ବାରିକ, ବୃନ୍ଦାବନ ଭୋଇ,ପ୍ରଶାନ୍ତ ମହାପାତ୍ର, ଗଜିନ୍ଦ୍ର ହରିଜନ, ମମତା ପଣ୍ଡା, ରମେଶ ସୁନା, ଟିକେଶ୍ୱର ବେହେରା, ସଂଜୟ ଖୁରା, ସତ୍ୟପ୍ରକାଶ ସାହୁ,ଭବାନୀ ବେହେରା, ସରୋଜ ପୁରୋହିତ, ପ୍ରକାଶ ସେଲମା ସହଯୋଗ କରିଥିଲେ।



# ଆଜି ବଲାଙ୍ଗିର ଆସୁଛନ୍ତି ରାଜ୍ୟପାଳ

**ବଲାଙ୍ଗିର,୨୭।୧(ସମିସ):** ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ପ୍ରଥମ ଥର ପାଇଁ ବଲାଙ୍ଗିର ଗସ୍ତରେ ଆସୁଛନ୍ତି। ନୂଆପଡା ଗସ୍ତ ସାରିବା ପରେ ସେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲରେ ପହଞ୍ଚିବେ। ହରିଶଙ୍କର ମନ୍ଦିର ଦର୍ଶନ କରିବେ। ଏହାପରେ ପାଟଣାଗଡ଼ ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଝଲିଆଲିଟି ଅଙ୍ଗନବାଡି କେନ୍ଦ୍ର, ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ, ସିଏଚସି ଖପ୍ରାଖୋଲ, ଉଲବା ଗ୍ରାମ ଏବଂ ଭଇଁଶା ଗ୍ରାମ ପରିଦର୍ଶନରେ ଯିବେ ବୋଲି ସୂଚନା ରହିଛି।

# ନକଲି ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ

**ବଲାଙ୍ଗିର, ୨୭।୧(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ସଦର ମହକୁମା ଅବସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବରେ ରହିଥିବା ସୁକାନ୍ତ ମନ୍ତ୍ରୀଙ୍କ ନାମରେ ମାମଲା ରୁଜୁ ହୋଇଛି। ନକଲି ପ୍ରମାଣପତ୍ର ଦେଇ ସେ ଚାକିରି କରିଥିବା ସ୍ପଷ୍ଟ ହେଲାପରେ ବଙ୍ଗୋମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବରେ ଏହା ଜଣାଇଛନ୍ତି। ପ୍ରକାଶ ଯେ ତାଙ୍କର ଚାକିରି ସମୟରେ ସେ ଦେଇଥିବା ପ୍ରମାଣପତ୍ରର ଯାଞ୍ଚ କରିବାରୁ ତାହା ନକଲି ବୋଲି ଜଣାପଡ଼ିଥିଲା। ଫଳରେ କାର୍ଯ୍ୟରୁ ବହିଷ୍କୃତ କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

# ରେଲୱେ ଟ୍ରାକ୍‌ରେ କଟି ଆତ୍ମହତ୍ୟା

**ସଇଁତଲା, ୨୭।୧(ସମିସ):** ସଇଁତଲା ବଡ଼ମାଳ ରେଲୱେ ଷ୍ଟେସନ ନିକଟରେ ଥିବା ୭୨୨/୮ କିଲୋମିଟର ଖମ୍ବ ନିକଟସ୍ଥ ରେଲୱେ ଟ୍ରାକରେ ସଇଁତଲା ଥାନା ବରାହମାଳ ଗ୍ରାମର ମାୟାଧର ଥପା (୪୪) ଟ୍ରେନରେ କଟି ଆତ୍ମହତ୍ୟା କରିଥିବା ସୂଚନା ମିଳି। ବଲାଙ୍ଗିର ରେଲୱେ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଶବକୁ ଜବତ କରିବା ସହ ଅଧିକ ତଦନ୍ତ କରିଥିଲଲା। ଘଟଣାସ୍ଥଳରୁ ଏକ ହଳ ଚପଲ ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ପରିବାର ଲୋକେ ଘଟଣାସ୍ଥଳକୁ ପହଞ୍ଚିବା ପରେ ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ପଠାଯାଇଛି।

# ବାଇକରୁ ପଡ଼ି ଯୁବକ ମୃତ

**ବଙ୍ଗୋମୁଣ୍ଡା, ୨୭।୧(ସମିସ):** ବଙ୍ଗୋମୁଣ୍ଡା-କଣ୍ଟାବାଞ୍ଜି ରାସ୍ତାର ଦଦରା ନିକଟସ୍ଥ ଛକରେ ଜଣେ ଯୁବକ ମୁରିବାହାଲ ବ୍ଲକ ବରଜୁରା ଗାଁର ଗୋପୀନାଥ ମହାକୁଡ(୨୦) ବାଇକ୍‌ରୁ ପଡ଼ି ପ୍ରାଣ ହରାଇଛନ୍ତି। ବଙ୍ଗୋମୁଣ୍ଡା ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ ତାଙ୍କ ଟିମ ସହ ଘଟଣାସ୍ଥଳକୁ ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି। ଗୋପୀ ଗତ ରାତିରେ କଣ୍ଟାବାଞ୍ଜି ଅଭିମୁଖେ ଯାଉଥିବାବେଳେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିବାର ପୁଲିସ ଅନୁମାନ କରିଛି।

# 'ଜନ୍ମରୁ ଜୁଇ ପର୍ଯ୍ୟନ୍ତ ସରକାରଙ୍କ ଯୋଜନା'

**ବଲାଙ୍ଗିର, ୨୭।୧(ସମିସ):** ଲୋକାଭିମୁଖୀ ଜନକଲ୍ୟାଣକାରୀ ଯୋଜନା ଲାଗୁକରି ସାରା ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ କରିପାରିଛି ଓଡ଼ିଶା ସରକାର। ମଣିଷର ମୌଳିକ ଆବଶ୍ୟକତାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା ଭଳି ସମସ୍ତ କ୍ଷେତ୍ରରେ ସାଧାରଣ ଲୋକଙ୍କ ପାଖକୁ ସୁବିଧା ପହଞ୍ଚାଇବାକୁ ସରକାର ବଦ୍ଧପରିକର। ଏହିକ୍ରମରେ ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ଯୋଜନା ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ବଲାଙ୍ଗିର ସହରରେ ଆରମ୍ଭ ହୋଇଛି ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ସଚେତନତା କାର୍ଯ୍ୟକ୍ରମ। ଗତ ୧୮ ତାରିଖ ୱାର୍ଡ ନମ୍ବର ୧୮ ସ୍ଥିତ ରାଜୀବନଗରଠାରେ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନରେ ୱାର୍ଡ ନମ୍ବର ୨୧ସ୍ଥିତ ଶାସ୍ତ୍ରୀନଗରଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାଉନସିଲର ଶତ୍ରୁଘ୍ନ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିଲେ।

# ମୀନକେତନଙ୍କୁ ପ୍ରତିଭା ସମ୍ମାନ

**ବଲାଙ୍ଗିର, ୨୭।୧(ସମିସ):** ଓଡ଼ିଶା ସରକାରଙ୍କ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ତରଫରୁ ମୀନକେତନ ମାଝୀଙ୍କୁ ସୃଜନାତ୍ମକ ଲେଖନୀ ଏବଂ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଜନଜାତି ପ୍ରତିଭା ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଉଦ୍‌ଘାଟନୀ ସମାରୋହରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା ସ୍ୱୀକୃତିପତ୍ର, ସ୍ମୃତିଫଳକ, ଉପଢୌକନ, ଅର୍ଥରାଶି ଦେଇ ସମ୍ମାନିତ କରିଛନ୍ତି। ବିଭାଗୀୟ କମିଶନର ତଥା ରୂପା ରୋଶନ ସାହୁ, ସଦସ୍ୟ ସଚିବ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ଥିଲେ।



# ସରଲା ଭାଲେର୍ ଧନୁଯାତ୍ରା

**ବଲାଙ୍ଗିର, ୨୭।୧(ସମିସ):** *କଂସ୍ ରୂପେ ଯେନ୍ ଅନ୍ୟାୟ, ଅଧର୍ମ ଆର୍ ଅହିଂସା ରାଜ୍ କରୁଥିଲା କୃଷ୍ଣ ହାତେ ତାର୍ ନାଶ୍ ଗଲା। ଅସତ୍ ଯେତେ ଡରଉ ନାଇଁଯେ ସତ୍ କେ କେଭେ ସାମ୍ନା କରି ନେଇଁପାରେ ଇ କଥାନୀ କହେଲା ଭାଲେର୍ ଧନୁଯାତ୍ରା। ସାତ୍ ଦିନ୍ ଧରି ଜମକ୍ ଧରିଥିବାର୍ ଭାଲେର୍ ଧନୁଯାତ୍ରା ଗଲା ଶୁକୁର୍ ବାର୍ ରାତି ଶେଷ୍ ହେଇଛେ। ମାମୁଁ କଂସକେ ମାରି ତାକର୍ ମାବୁଆ ଦେବକୀ ବସୁଦେବ ଙ୍କୁ ମୁକଲେଇଛନ୍ କୃଷ୍ଣ ବଲରାମ୍। ଭାଲେର୍ ଧନୁଯାତ୍ରାର୍ ଉଦଯାପନୀ ଦିନ ମୁଖିଆ କୁନୁଆ ଭାବରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମଚାନ୍ ଠାନେ ବସିଥିଲେ। ଭାଲେର୍ ଧନୁଯାତ୍ରାକେ ପଶ୍ଚିମାଞ୍ଚଲ୍ ର ଝୁନହା ଯାତ୍ରାଟେ ବଲି କହେବାର୍ ସାଙ୍ଗେ ରାଜ୍ୟ ସରକାର୍ ଇତାର୍ ଦାୟିତ୍ୱ ବହନ୍ କରୁନ୍ ବଲି ଦାବି କରିଥିଲେ। ମଚାନ୍ କେ ଦିଗାମ୍ବର ନାଏକ୍ ଆଜ୍ଞା ପରିଚାଳନା କରିଥିଲେ। ସାତ୍ ଦିନ୍ ଧରି ଚାଲିଥିବାର୍ ଇ ଯାତ୍ରାନେ ସଭାପତି ବ୍ରହ୍ମାନନ୍ଦ ନାଏକ ସବୁ ବୁଝାସୁଝା କରୁଥିଲେ। ତାକର୍ ସାଙ୍ଗେ ସମ୍ପାଦକ ସୁମନ୍ତ ନାଏକ, ଉପସଭାପତି ଆର୍ ଭାଲେର୍ ସରପଁଚ୍ ପ୍ରଦୀପ ନନ୍ଦ, ସହାକରୀ ସମ୍ପାଦକ ଜୟକୃଷ୍ଣ ନାଏକ, କୋଷାଧକ୍ଷ ବିଧୁଶେଖର ନନ୍ଦ, ସବୁ ମେମ୍ବେର୍ ଆର୍ ଗାଁର ଯୁଆନ୍ ସିଆନ୍ ମାନେ ବନେ ସଁକଲାବେଟା କରି ଲାଗିଥିଲେ।*

# ଶ୍ରୀଜଗନ୍ନାଥ ସଂସ୍କୃତି ଅନନ୍ୟ ଓ ଅତୁଳନୀୟ

**ବଲାଙ୍ଗିର, ୨୭।୧ (ସମିସ):** ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଅନନ୍ୟ। ସମଗ୍ର ବିଶ୍ୱରେ ଅତୁଳନୀୟ। ଏହା ଏକ ସମନ୍ୱୟର ସଂସ୍କୃତି ବୋଲି ଆଗଲପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ମନ୍ତ୍ରୀ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପୂର୍ବତନ ଅଧ୍ୟକ୍ଷ ଜୟନ୍ତ ସିଂହଦେଓ ମୁଖ୍ୟଅତିଥି ଏବଂ ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ରୋଡ୍ ଓଡ଼ିଆ ଅଧ୍ୟାପକ ଡ. ଲିଙ୍ଗରାଜ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ନୋଡାଲ ଅଫିସର ଡ. ଶେଷ ମେହେ। ସଂଯୋଜନା କରିଥିଲେ ଅଧ୍ୟାପିକା ସୁନେଲି ମେହେର ଏବଂ ସହଯୋଗ କରିଥିଲେ ଅଧ୍ୟାପିକା ଦେବକୀ ନାଇକ ଓ ଡିଲେଶ୍ୱରୀ ନାଏକ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ରାଜେଶ ରାୟ। ଗତ ୧୮ ତାରିଖ ଉଦଘାଟନ ପରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# କରାମତଲରେ ରକ୍ତଦାନ ଶିବିର

**ସଇଁତଲା, ୨୭।୧(ସମିସ):** ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସରେ ସଇଁତଲା ବ୍ଲକ କରମତଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତୁଷ୍ଟାପାଲି ଗ୍ରାମରେ ଜୟ ମାଁ ବସ୍ତେନ କ୍ଲବ ଓ ଏଚଡିଏଫସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଧନ ପୁରୋହିତ ଓ ରାଜେଶ ବେହେରା ଏବଂ କରମତଲା ସରପଞ୍ଚ ତିଳୋତ୍ତମା ବାଗ ଓ ସହିଦ ଥବିର ବୁଡେକଙ୍କ ପତ୍ନୀ ରିନା ବୁଡେକ ଉପସ୍ଥିତ ଥିଲେ। ପ୍ରଦିବ ବାଗ, ପ୍ରମୋଦ ବୁଡେକ, ସୁବାସଚନ୍ଦ୍ର ବୁଡେକ, ବାବଲୁ ବୁଡେକ ହେମନ୍ତ ବୁଡେକ, ସାରଥୀ ବୁଡେକ, ପ୍ରଶାନ୍ତ ବୁଡେକ, ଦିବାନ ଦେଓ, ଅଜିତ ବାଗ, ଆଲୋକ ବୁଡେକ, ନବୀନ ଚୌହାନ, ରଂଜନ ବୁଡେକ, ନିଲୁ ରଣା, ଜୟ ମାଁ ବସ୍ତେନ କ୍ଲବର ସମସ୍ତ ସଦସ୍ୟ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଭୀମଭୋଇ ମେଡିକାଲ କଲେଜ ରକ୍ତଭଣ୍ଡାରର କର୍ମଚାରୀ ଡାକ୍ତର ମୁନ, ଅଜିତ, ସୁଶୀଲ, ଅଶରପ, ପ୍ରେମା, ଅକ୍ଷୟ ରକ୍ତ ସଂଗ୍ରହ କରିଥିଲେ।



# ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ତୁଷୁରା, ୨୭।୧ (ସମିସ):** ତେନ୍ତୁଲିଖୁଣ୍ଟି ଆଦର୍ଶ ବିଦ୍ୟାଳୟରେ ୨ ଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ସେହି ପରିପ୍ରେକ୍ଷୀରେ ଶୁକ୍ରବାର ସାଧାରଣତନ୍ତ୍ର ଦିବସରେ ଗୁଡଭେଲା ବ୍ଲକ ବିଇଓ ରୁଷିଆ ମେହେର ଆଦର୍ଶ ବିଦ୍ୟାଳୟଠାରେ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପତାକା ଉତ୍ତୋଳନ କରିବା ସହ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସଂସ୍କୃତ ଶିକ୍ଷକ ସରୋଜ ପଟେଲ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷା-ସାହିତ୍ୟ କାର୍ଯ୍ୟକ୍ରମ

**ଦେଓଗାଁ, ୨୭।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଓ ଜରାସିଂହା କଲେଜ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ତରରଫରୁ ନୂଆ-ଓ ଓଡିଆ ଭାଷାସାହିତ୍ୟ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଦେଓଗାଁ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜରେ ନୋଡାଲ ଅଧିକାରୀ ପ୍ରସନ୍ନ ସାହୁଙ୍କ ପରିଚାଳନା ତଥା ଅଧ୍ୟକ୍ଷ ଉପମନ୍ୟୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ପ୍ରସନ୍ନ କର୍ଣ୍ଣ, ମୁଖ୍ୟବକ୍ତା ଭାବେ କୁଡାସିଂହା କଲେଜର ଅଧ୍ୟକ୍ଷ ଛବିଳ ବଗର୍ତ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେରଙ୍କ ସଭାପତିତ୍ୱ ତଥା ଅଧ୍ୟାପକ ବିଷ୍ଣୁଚରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଦିବସରେ ମୁଖ୍ୟଅତିଥି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, ପରିଚାଳନା କମିଟି ସଭାପତି କୁମାର ଷାଣ୍ଢ, ଇତିହାସ ଅଧ୍ୟାପକ ଜଗଦୀଶ ସିଂ ବାବୁ ପ୍ରମୁଖ ଯୋଗ ଦେଇଥିଲେ। ସୁନୈନା ମେହେର, ବିନି ମେହେର, କନିକା ଦୀପ, ସିମରନ ସେଠ ପ୍ରମୁଖ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ନୋଡାଲ ଅଧିକାରୀ ବ୍ୟାସଦେବ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ଦେଓଗାଁ ବ୍ଲକ୍‌ରେ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

# କାର୍ଯ୍ୟାରମ୍ଭ ନହେଲେ କାର୍ଯ୍ୟାନୁଷ୍ଠାନ

ଦେଓଗାଁ, ୨୭।୧(ସମିସ)

ଦେଓଗାଁ ବ୍ଲକରେ ବିଜୁ ଜନତା ଦଳ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ନେତୃବର୍ଗ ଆଲୋଚନା କରିବାପରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ କ୍ଷମାନିଧି ଭୋଇ ତଥା ସମସ୍ତ ଯନ୍ତ୍ରୀ ଓ କେତେକ ସରପଞ୍ଚ ଓ ସମିତିସଭ୍ୟ, ବିଜେଡି ବ୍ଲକ ସଭାପତି ସୁଶୀଳ ଚାନ୍ଦ, ବରିଷ୍ଠ ନେତା ତଥା ସାଲେପାଲି ସମିତିସଭ୍ୟ ଲକ୍ଷ୍ମଣ ମେହେରଙ୍କ ଉପସ୍ଥିତରେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂ ଦେଓ ବିଭିନ୍ନ ପ୍ରକଳ୍ପର ଅଗ୍ରଗତିକୁ ନେଇ ସମୀକ୍ଷା କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶାରେ ପ୍ରକଳ୍ପ ମଧ୍ୟରୁ ମଣ୍ଡପ ପ୍ରସ୍ତାବ ସ୍ଥାନରେ ବ୍ଲକ ତରଫରୁ କମ୍ୟୁନିଟି ସେଣ୍ଟର ପଠାଯିବା ତ୍ରୁଟି ଉପରେ ଅଧ୍ୟକ୍ଷ କଳିକେଶ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ୨କୋଟି ଟଙ୍କା, ବିଜୁ କେବିକେ ଅନୁଦାନ ୨କୋଟି, ଅଙ୍ଗନୱାଡି କୋଠା ନିର୍ମାଣ ପାଇଁ ୨କୋଟି, ଆମ ଗାଁ ଆମ ବିକାଶ ଅନୁଦାନ ୨କୋଟି ୧୦ଲକ୍ଷ, ନୀତି ଆୟୋଗ ୧କୋଟି, ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ୧କୋଟି, ଆମ ଓଡ଼ିଶା ନବୀନ ଓଡ଼ିଶା ୧୩କୋଟି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ୧କୋଟି ୫୦ଲକ୍ଷ, ବନ ସୁରକ୍ଷା ସମିତି ୧କୋଟି ୧୯ଲକ୍ଷ, ରାଜ୍ୟ ପଞ୍ଚଦଶ ଅର୍ଥ କମିଶନ ୧କୋଟି ରୁ ଉର୍ଦ୍ଧ୍ୱ, ପଞ୍ଚଦଶ ଅର୍ଥକମିଶନ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅଦ୍ୟାବଧି ଖର୍ଚ୍ଚ ହୋଇ ନପାରି ପଡ଼ିରହିଛି। ତୁରନ୍ତ କାର୍ଯ୍ୟ ଆରମ୍ଭ ନକଲେ ସମ୍ପୃକ୍ତ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ତଥା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରାଯିବ ବୋଲି ସୂଚନା ଦେଇଥିଲେ।



# ତୁରେକେଲା ମିଲେଟ୍ ଟିଫିନ୍ ସେଣ୍ଟର୍ ଆରମ୍ଭ

**ତୁରେକେଲା, ୨୭।୧(ସମିସ):** ବଲାଙ୍ଗିର ଜିଲ୍ଲାର ଉପାନ୍ତ ତଥା ଦାଦନ ପ୍ରବଣ ତୁରେକେଲା ବ୍ଲକରେ ଏବେ ଏସଏଚଜି ଗ୍ରୁପ ମହିଳାମାନେ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ଏହିକ୍ରମରେ ଲର୍କି ଗାଁର ଶିବାନୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ମିଶନ ଶକ୍ତି ସହାୟତାରେ ତୁରେକେଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖୀନରେ ମିଲେଟ ମିଶନ ଟିଫିନ୍ ସେଣ୍ଟର ଶୁଭାରମ୍ଭ କରିଛନ୍ତି। ମାଣ୍ଡିଆରେ ପ୍ରସ୍ତୁତ ବିରେଟ ପକୋଡା, ଆଳୁ ଚପ, ପିଆଜି, ଖିରି, ମିଠା ପୁରି, ଚକୁଳି, କାକରା ପିଠା ସହ ଅନ୍ୟାନ୍ୟ ବହୁ ପ୍ରକାର ଖାଦ୍ୟ ମିଳୁଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ କୃଷି ଅଧିକାରୀ ଭକ୍ତଚରଣ ଛତ୍ରିଆ, ମେଡିକାଲ ଅଫିସର ଡାକ୍ତର ସ୍ୱାଗତ ଖମାରୀ, ଏଏସଆଇ ଲଚିନ୍ଦ୍ର ଚାଳନା ଯୋଗ ଦେଇଥିବା ବେଳେ ମିଲେଟ ମିଶନ ବ୍ଲକ ସହ ସଂଯୋଜକ ସରୋଜ ସାହୁ, କୁଞ୍ଜ ପ୍ରଧାନ, ସିଇଓ ପ୍ରିୟବ୍ରତ ସଗ୍ରିଆ, ପ୍ରତିକ ଦାସ, ମୁରଲୀ ମାଝୀ, ମିଲେଟ ମିଶନ ସିଆରପି ବିପିନ, ଅଚ୍ୟୁତ, ମହେନ୍ଦ୍ର, ରମାକାନ୍ତ, ଆସିଡିଏସ ଏକାଉଣ୍ଟ ପ୍ରଗତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



